visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.72, Bhubaneswar Friday, May 01,2020 | ୨୩ତମ ବର୍ଷ ସଂଖ୍ୟା- ୭୨ ଭୁବନେଶ୍ୱର, ଶୁକ୍ରବାର ମଇ ୦୧,୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# ବଲିଉଡ଼ର ଲୋକପ୍ରିୟ ଅଭିନେତା ଋଷି କାପୁରଙ୍କ ପରଲୋକ

**ମୁମ୍ବାଇ:** ଲିଉଡ଼ର ଲୋକପ୍ରିୟ ଅଭିନେତା ଋଷି କାପୁରଙ୍କର ୬୭ ବର୍ଷରେ ପରଲୋକ ଘଟିଛି। ମହାନାୟକ ଅମିତାଭ ବଚ୍ଚନ ଋଷି କାପୁରଙ୍କର ମୃତ୍ୟୁର ସୂଚନା ଦେଇଛନ୍ତି। ଅମିତାଭ ବଚ୍ଚନ ଟୁଇଟ୍ କରି କହିଛନ୍ତି- ସେ ଚାଲିଯାଇଛନ୍ତି। ମୁଁ ବହୁତ ଭାଙ୍ଗିପଡ଼ିଛି।
ବୁଧବାର ଦିନ ଋଷି କାପୁର ହଠାତ ଅସୁସ୍ଥ ହେବା କାରଣରୁ ତାଙ୍କୁ ମୁମ୍ବାଇର ସାର ଏଚଏନ ରିଲାଏନ୍ସ ଫାଉଣ୍ଡେସନ ହସପିଟାଲର ଆଇସିୟୁରେ ଭର୍ତି କରାଯାଇଥିଲା। ଏ ବିଷୟରେ ତାଙ୍କର ବଡ଼ ଭାଇ ରଣଧିର କାପୁର ସୂଚନା ଦେଇଥିଲେ। ରଣଧିର କାପୁର କହିଥିଲେ ଋଷି ହସପିଟାଲରେ ଭର୍ତି କରାଯାଇଛି। ତାଙ୍କ ସହିତ ତାଙ୍କର ପତ୍ନୀ ନିତୁ କପୁର ମଧ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ନାହିଁ। ଏହା ପୂର୍ବରୁ ଫେବୃଆରୀ ମାସରେ ମଧ ତାଙ୍କର ଶାରୀରିକ ସମସ୍ୟା କାରଣରୁ ଦିଲ୍ଲୀର ଏକ ହସପିଟାଲରେ ଭର୍ତି କରାଯାଇଥିଲା।
ଋଷି କାପୁର ୨୦୧୯ ସେପ୍ଟେମ୍ବରରେ ନ୍ୟୁୟର୍କରେ କ୍ୟାନସର ପାଇଁ ଏକବର୍ଷର ଚିକିତ୍ସା ପରେ ଦେଶକୁ ଫେରିଥିଲେ। ତାଙ୍କୁ ୨୦୧୮ରେ କ୍ୟାନ୍ସର ହେବାର ଜଣାପଡ଼ିଥିଲା। ସେଥିପାଇଁ ତାଙ୍କୁ ନ୍ୟୁୟର୍କରେ ୧୧ ମାସ ୧୧ଦିନର ଚିକିତ୍ସା ପରେ ଫେରିବାକୁ



ପଡ଼ିଥିଲା। ସେଠାରେ ମଧ ତାଙ୍କ ସହିତ ତାଙ୍କର ପତ୍ନୀ ନିତୁ କପୁର ଥିଲେ। ସେ ସମୟରେ ତାଙ୍କର ପୁତ୍ର ରଣବୀର ନ୍ୟୁୟର୍କ ନିୟମିତ ଯାଉଥିଲେ। କିଛିଦିନ ପୂର୍ବରୁ ସେ ନିଜର ଚିକିତ୍ସା ବିଷୟରେ କହିବା ସମୟରେ କହିଥିଲେ ଯେ ମୁଁ କାମ କରିବା ପାଇଁ ବହୁତ ଫ୍ରେସ ଏବଂ ପ୍ରସ୍ତୁତ ଅଛି। ମୁଁ କ୍ୟାମେରା ସାମ୍ନା କରିବାପାଇଁ ଖୁବ୍ ଉତ୍ସାହିତ। ମୋର ବିଶ୍ୱାସ ମୁଁ ଅଭିନୟ ଭୁଲିଯାଇ ନଥିବି। ଯେତେବେଳେ ଋଷି କପୁର ନ୍ୟୁୟର୍କରେ ଥିଲେ ସେ ସମୟରେ ପ୍ରିୟଙ୍କା ଚୋପ୍ରା, ଅନୁପମ ଖେର, ଅମିର ଖାନ, ଶାହରୁଖ ଖାନ, ଦିପିକା ପାଦୁକୋନ, କରଣ ଜୋହର, ମଲାଇକା ଆରୋଡା ତଥା ଅନେକ ସେଲିବ୍ରେଟି ତାଙ୍କୁ ଦେଖା କରିବାକୁ ଯାଇଥିଲେ। ଋଷି କପୁର ଶେଷଫିଲ୍ମ ଇମ୍ରାନ ହାସମିଙ୍କ ସହିତ ଦେଖିବାକୁ ମିଳିଥିଲେ। ସେ ନିର୍ଦ୍ଦେଶକ ହିତେଷ ଭାଟିଆଙ୍କ ନିର୍ଦ୍ଦେଶିତ ଫିଲ୍ମ ଶର୍ମାଜୀ ନମକୀନରେ ଜୁହି ଚାୱଲାଙ୍କ ସହ ଦେଖାଦେବାର ଥିଲା।
୧୯୫୨ରୁ ୨୦୨୦ ଅଭିନୟର ଲମ୍ବା ଯାତ୍ରାରେ ଅନେକ ଗୁଡ଼ିଏ ସମ୍ମାନ ସାଉଁଟିଥିଲେ ସେ। ପ୍ରଥମଥର ପରଦାରେ ହିରୋ ଭାବରେ ଫିଲ୍ମ ବବିରେ ଚମତ୍କାର ଅଭିନୟ ପାଇଁ ଫିଲ୍ମ ଫେୟାର ଆୱାର୍ଡ଼ ପାଇଥିଲେ। କିନ୍ତୁ ଏହା ପୂର୍ବରୁ ସେ ମାତ୍ର ତିନିବର୍ଷ ବୟରେ ବଡ଼ ପରଦାରେ ଦେଖାଦେଇଥିଲେ। ପିତା ରାଜ କାପୁରଙ୍କ ଶ୍ରୀ-୪୨୦ରେ ଲୋକପ୍ରିୟ 'ପ୍ୟାର ହୁଆ ଇକରାର ହୁଆ...' ଗୀତରେ ବର୍ଷାରେ ଭିଜୁଥିବା କୁନି କଳାକାରଟି ଥିଲେ ନିଜେ ଋଷି। ଏହାପରେ ମେରାନାମ ଜୋକର ଫିଲ୍ମରେ ରାଜ କାପୁରଙ୍କ ପିଲାଦିନର ଚରିତ୍ରରେ ଶିଶୁ କଳାକାର ଭାବରେ ମଧ ଦେଖା ଦେଇଥିଲେ। କିନ୍ତୁ ହିରୋ ଭାବରେ ବବି ଥିଲା ତାଙ୍କର ପ୍ରଥମ ଫିଲ୍ମ। ମେରାନାମ ଜୋକର ପାଇଁ ଜାତୀୟ ସମ୍ମାନ ଠାରୁ ଆରମ୍ଭ କରି ଫିଲ୍ମ ଫେୟାର, ଲାଇଫ ଟାଇମ୍ ଆଚିଭମେଂଟ ଆୱାର୍ଡ଼ ମଧ ପାଇଥିଲେ। ଏପରିକି ସିନେମା ପ୍ରତି ଅବଦାନ ପାଇଁ ରୁଷ ସରକାର ମଧ ତାଙ୍କୁ ସମ୍ମାନୀତ କରିଥିଲେ।

## ଋଷି କପୁରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୋକ

**ଭୁବନେଶ୍ୱର, (ପିଏନ)**-ଫିଲ୍ମ ଅଭିନେତା ଋଷି କପୁରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।।
ଶ୍ରୀ ପଟ୍ଟନାୟକ ଟ୍ୱିଟ କରି କହିଛନ୍ତି ଯେ ଭେଟେରାନ ଫିଲ୍ମ ଅଭିନେତା ଋଷି କପୁରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ । ଭାରତୀୟ ସିନେମା ଜଣେ ଆଇକନିକ ଅଭିନେତାଙ୍କୁ ହରାଇଲା ଯିଏ ଅନେକ ସ୍ମରଣୀୟ ସିନେମାରେ ଅଭିନୟ କରି ନିଜର ଛାପ ଛାଡିଥିଲେ। ପରିବାର ବର୍ଗ ଓ ପ୍ରଶଂସକଙ୍କୁ ସମବେଦନା ।

## ୪ ମଇରୁ ହ୍ୱାଟସଆପ ଜରିଆରେ ହେବ ପାଠ ପଢା

**ଭୁବନେଶ୍ୱର,(ପିଏନ)-** ଲକ ଡାଉନ କାରଣରୁ ସ୍କୁଲ ମାନଙ୍କରେ ପାଠ ପଢା ବାଧିତ ହେଉଥିବା ବେଳେ ଏବେ ହ୍ୱାଟସ ଆପ ଜରିଆରେ ପିଲା ମାନେ ପାଠ ପଢିବେ ବୋଲି ଜଣା ପଡିଛି । ଶିକ୍ଷା ସଂଯୋଗ ନାମକ ଏକ ହ୍ୱାଟସଆପ ଗ୍ରୁପ ମାଧ୍ୟମରେ ଦ୍ୱିତୀୟ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏ ପିଲା ମାନେ ପାଠ ପଢିବେ।

## 'ଛୁଟି ଘୋଷଣା'

ଶ୍ରମିକ ଦିବସ ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ତା ୧.୫.୨୦୨୦ରିଖ ବନ୍ଦ ରହୁଥିବାରୁ ଏହାର ପରିବର୍ତ୍ତୀ ସଂସ୍କରଣ ୩.୫.୨୦୨୦ ତାରିଖ ଦିନ ପ୍ରକାଶ ପାଇବ ।
-ପରିଚାଳକ

## ନିବେଶ ବୃଦ୍ଧି ରଣନୀତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ବୈଠକ

**ନୂଆଦିଲ୍ଲୀ :** କୋଭିଡ-୧୯ ମହାମାରୀ କାରଣରୁ ପ୍ରଭାବିତ ହୋଇଥିବା ଅର୍ଥବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଅଧିକ ବିଦେଶୀ ନିବେଶ ଆକୃଷ୍ଟ କରିବା ଏବଂ ସ୍ଥାନୀୟ ନିବେଶକୁ ପ୍ରୋତ୍ସାହିତ କରିବା ସକାଶେ ବିସ୍ତୃତ ରଣନୀତି ପ୍ରସ୍ତୁତ କରିବା ସଂକ୍ରାନ୍ତରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବୈଠକରେ ଆଲୋଚନା କରିଛନ୍ତି ।
ଦେଶରେ ଥିବା ଶିଳ୍ପାଂଚଳ ଜମି/ଭୂମି/ ଇଷ୍ଟେଟରେ ଅଧିକ ଭିତିଭୂମି ନିର୍ମାଣ କରିବା ଏବଂ ଆର୍ଥିକ ସହଯୋଗ ଯୋଗାଇ ଦେବା ସକାଶେ ଏକ ଯୋଜନା ବିକଶିତ କରିବା ଲାଗି ଏହି ଅବସରରେ ଆଲୋଚନା କରାଯାଇଥିଲା। ନିବେଶକମାନଙ୍କୁ ସମର୍ଥନ ଯୋଗାଇ ଦେବା ସକାଶେ ଅଧିକ ସକ୍ରିୟ ଭାବେ ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଧାର୍ଯ୍ୟ ସମୟ ମଧ୍ୟରେ କେନ୍ଦ୍ର ଓ ରାଜ୍ୟସ୍ତରରେ ଆବଶ୍ୟକ ମଞ୍ଜୁରି ପ୍ରଦାନ କରିବା ନିମନ୍ତେ ସେ କହିଥିଲେ।
ଭାରତରେ ଦ୍ରୁତ ନିବେଶ ଆକୃଷ୍ଟ କରିବା ଏବଂ ଭାରତୀୟ ଘରୋଇ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ନିମନ୍ତେ ବିଭିନ୍ନ ରଣନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୂଆ ରଣନୀତି ପ୍ରସ୍ତୁତ କରିବା ଏବଂ ନିବେଶ ଆକୃଷ୍ଟ କରିବା ସକାଶେ ଅଧିକ ସକ୍ରିୟ ହେବା ନିମନ୍ତେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେବା ସକାଶେ ମଧ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।ସେହିପରି ବିଭିନ୍ନ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ସଂସ୍କାରମୂଳକ ପଦକ୍ଷେପଗୁଡ଼ିକ ବାଧାମୁକ୍ତ ଭାବେ ଜାରି ରଖିବା ସହିତ ନିବେଶ ଏବଂ ଶିଳ୍ପ ଅଭିବୃଦ୍ଧିର ପ୍ରୋତ୍ସାହନ କ୍ଷେତ୍ରରେ ରହିଥିବା ବାଧାଗୁଡ଼ିକୁ ଦୂର କରିବା ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା।ଏହି ବୈଠକରେ ଅର୍ଥମନ୍ତ୍ରୀ, ଗୃହମନ୍ତ୍ରୀ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

### ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

## ଘରକୁ ଫେରିବେ ତାମିଲନାଡୁରେ ରହୁଥିବା ଓଡ଼ିଆମାନେ

**ଭୁବନେଶ୍ୱର,(ପିଏନ)-** ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭିଡିଓ କନଫରେନ୍ସିଂ ଜରିଆରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଶ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ସହିତ ତାମିଲନାଡୁରେ ଅଟକି ରହିଥିବା ଓଡ଼ିଆମାନଙ୍କ ଫେରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଭିଡିଓ କନଫରେନ୍ସିଂରେ ଯୋଗ ଦେଇଥିଲେ। ଲକ୍ ଡାଉନ ସମୟରେ ତାମିଲନାଡୁ ସରକାର ସେଠାରେ ଅଟକି ରହିଥିବା




ଓଡ଼ିଆମାନଙ୍କ ଉପଯୁକ୍ତ ଯତ୍ନ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ତାମିଲନାଡୁରୁ ଓଡ଼ିଶା ଫେରିବାକୁ ଚାହୁଁଥିବା ଓଡ଼ିଆ ଲୋକ ଯେପରି ସୁବିଧାରେ ଓଡ଼ିଶା ଫେରିଆସି ପାରିବେ ସେ ଦିଗରେ ସହଯୋଗ ଯୋଗାଇ ଦେବା ପାଇଁ ଶ୍ରୀ ପାଲାନିସ୍ୱାମୀଙ୍କୁ ଅନୁରୋଧ କରିଥିଲେ। ତାମିଲନାଡୁ ସରକାର ଏ ଦିଗରେ ସବୁ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ଶ୍ରୀ ପାଲାନିସ୍ୱାମୀ ପ୍ରତିଶ୍ରୁତି ଦେଇଥିଲେ।ଚେନ୍ନାଇର ଗୁରୁ ନାନକ କଲେଜରେ କରାଯାଇଥିବା ଶିବିରରେ ରହିଥିବା ଓଡ଼ିଆମାନେ ମଧ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭିଡିଓ କନଫରେନସିଂ ଯୋଗେ କଥା ହୋଇଥିଲେ ଏବଂ ତାମିଲନାଡୁ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

## ଯାଜପୁରରେ ୧୭ ଜଣ କରୋନା ଆକ୍ରାନ୍ତ

**ଭୁବନେଶ୍ୱର,(ପିଏନ)**-ଯାଜପୁରରେ ଆଉ ୧୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗୁରୁବାର ସକାଳେ ୩ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାକୁ ମିଶାଇ ଏବେ ଜିଲ୍ଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬କୁ ବୃଦ୍ଧି ପାଇଛି। ଗୋଟିଏ ଦିନରେ ୧୭ ଜଣ ପଜିଟିଭ୍ ଚିହ୍ନଟ ହେବା ପରେ ଜିଲ୍ଲାବାସୀଙ୍କ ଚିନ୍ତା ବଢି ଯାଇଛି।
ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ୍ କରାଇ କୁହାଯାଇଛି ଯେ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ୩ ବର୍ଷର ଶିଶୁ ପୁତ୍ର , ୩ ବର୍ଷର ଶିଶୁ କନ୍ୟା ସମେତ ୭ ଜଣ ପୁରୁଷ ଏବଂ ୭ ଜଣ ମହିଳା ରହିଛନ୍ତି। ପୁରୁଷ ମାନଙ୍କର ବୟସ ଯଥାକ୍ରମେ ୨୯. ୩୮.୩୫, ୨୯ , ୩, ୩୪ , ୧୨ ଓ ୬୨ ବର୍ଷ। ସେହିପରି ମହିଳାମାନଙ୍କର ବୟସ ଯଥାକ୍ରମେ ୮୫ , ୪୦ , ୨୦ , ୩ , ୩୬ ଓ ୫୨। ସେହିପରି ସକାଳେ ଚିହ୍ନଟ ହୋଇଥିବା ତିନି ଜଣ ସଂକ୍ରମିତଙ୍କ ମଧ୍ୟରୁ ଜଣେ ୧୮ ବର୍ଷୀୟା ମହିଳା ହୋଇଥିବା ବେଳେ ଜଣେ ୫୬ ବର୍ଷୀୟ ପୁରୁଷ । ଏମାନେ ଜିଲ୍ଲାର କଟିକଟା କଂଟେନମେଂଟ ଅଂଚଳର । ପୂର୍ବବର୍ତୀ ସଂକ୍ରମିତ ଲୋକଙ୍କ ସମ୍ପର୍କରେ ଆସି ଏମାନେ ସଂକ୍ରମିତ ହୋଇଥିବା ଜଣା ପଡିଛି । ଏହା ବାଦ ଆଉ ଜଣେ ୬୫ ବର୍ଷୀୟ ବ୍ୟକ୍ତି ମଧ୍ୟ ସଂକ୍ରମିତ ହୋଇଛନ୍ତି । ସେ ପଶ୍ଚିମ ବଙ୍ଗ ଫେରନ୍ତା ଓ ହୋମ କ୍ୱାରେଂଟାଇନରେ ଥିଲେ । ତାଙ୍କ ନିକଟରେ କୌଣସି ଲକ୍ଷଣ ନ ଥିବା ବିଭାଗ ପକ୍ଷରୁ କୁହା ଯାଇଛି । ବିଭାଗୀୟ ସିବ ସଂଜୟ ସିଂହଙ୍କ ସୂଚନା ଅନୁଯାୟୀ ସମସ୍ତ ଆକ୍ରାନ୍ତ କଟିକଟା ଅଂଚଳର। ଉକ୍ତ ଅଂଚଳରୁ ପୂର୍ବରୁ ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ସମସ୍ତେ ପଶ୍ଚିମବଙ୍ଗ ଫେରନ୍ତା ଥିଲେ। ପର ଉକ୍ତ ଅଂଚଳକୁ କଂଟେନମେଂଟ ଅଂଚଳ ଘୋଷଣା କରାଯାଇଥିଲା। କଂଟେନମେଂଟ ସମୟରେ ଉକ୍ତ ଅଂଚଳରୁ ୨୦୦ ନମୂନା ସଂଗ୍ରହ କରାଯାଇଥିଲା। ସେଥିରୁ ୧୪ ଟି ନମୂନା ପଜିଟିଭ୍ ରହିଛି। ସେଠାରୁ ଆହୁରି ଅଧିକ ନମୂନା ସଂଗ୍ରହ କରାଯିବ। ଏହାଫଳରେ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୪୨ରେ ପହଂଚିଛି। ସେହିପରି ରାଜ୍ୟରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୦୨ ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ୩୯ ଜଣ ସୁସ୍ଥ ହୋଇଛନ୍ତି। ବର୍ତମାନ ସୁଦ୍ଧା ରାଜ୍ୟରେ ୩୧,୬୯୬ଟି ନମୁନା ପରୀକ୍ଷା ହୋଇଥିବା ବେଳେ ସେଥିମଧ୍ୟରୁ ୧୪୨ଟି ପଜିଟିଭ୍ ଚିହ୍ନଟ ହୋଇଛି।

## ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ସମ୍ବଲପୁର ଓ ବରଗଡ ଜିଲ୍ଲା ଗସ୍ତ

**ଭୁବନେଶ୍ୱର,(ପିଏନ)-** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଆଜି ସମ୍ବଲପୁର ଓ ବରଗଡ ଜିଲ୍ଲା ଗସ୍ତ କରି ସହରରେ କୋଭିଡ୍-୧୯ ପାଇଁ ଲାଗିଥିବା ଲକ୍‌ଡାଉନ ସ୍ଥିତି ସମୀକ୍ଷା କରିବା ସହ ପୋଲିସ କର୍ମଚାରୀଙ୍କ କଲ୍ୟାଣ ଓ ଅନ୍ୟାନ୍ୟ ତତ୍ ସମ୍ପର୍କିତ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ ସମୟରେ ଆରକ୍ଷୀ ମହାନିର୍ଦ୍ଦେଶକ ଜିଲ୍ଲାର କେତେକ ଥାନା, ପୋଲିସ ବାରାକ, ରିଜର୍ଭ ଲାଇନ ଓ ପୋଲିସ ନିୟନ୍ତ୍ରଣ କକ୍ଷକୁ ବୁଲି ଦେଖିବା ସହ ସଡ଼କ ଓ ଛକ ସ୍ଥାନମାନଙ୍କରେ ମୁତୟନ ପୋଲିସ କର୍ମଚାରୀଙ୍କ ସୁବିଧା ଅସୁବିଧା ବାବଦରେ ପଚାରି ବୁଝିଥିଲେ। ଜିଲ୍ଲାରେ କୋଭିଡ-୧୯ ସମ୍ପର୍କିତ ଲକ୍ ଡାଉନ କାର୍ଯ୍ୟକାରୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସଠିକ ଥିବା ଏବଂ ପୋଲିସ କର୍ମଚାରୀଙ୍କ ମନୋବଳ ଉଚ୍ଚଥିବାସେ ଅନୁଭବ କରିଥିଲେ। ଏହି ଗସ୍ତ ସମୟରେ ଆରକ୍ଷୀ ମହାନିର୍ଦ୍ଦେଶକ ଜିଲ୍ଲାକୁ ଆସିବାକୁ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ପାଇଁ ହୋଇଥିବା ପ୍ରସ୍ତୁତିକୁ ମଧ ସମୀକ୍ଷା କରିଥିଲେ। ଉତରାଂଚଳ ରାଜସ୍ୱ ଆୟୁକ୍ତ ଓ ସମ୍ବଲପୁର ଜିଲ୍ଲାପାଳ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ଜିଲ୍ଲାର ସ୍ଥିତି ବାବଦରେ ଅବଗତ କରାଇଥିଲେ। ଡିଜିଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ଆଇନ୍ ଶୃଙ୍ଖଳା), ଉତରାଂଚଳ ରେଞ୍ଜ ଡିଆଇଜି ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉପସ୍ଥିତ ଥିଲେ।




ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ରାଜ୍ୟ ସରକାର ଶ୍ରମିକମାନଙ୍କ କଲ୍ୟାଣ ପାଇଁ ସର୍ବଦା ଯତ୍ନଶୀଳ ଅଛନ୍ତି । ଶ୍ରମିକମାନଙ୍କ କଲ୍ୟାଣାର୍ଥେ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଆଜିର ଦିନରେ ଶ୍ରମିକ ଭାଇଭଉଣୀମାନେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହେବାର ଆବଶ୍ୟକତା ରହିଛି ।
ଆଜି ସମଗ୍ର ବିଶ୍ୱ 'କରୋନା' ମହାମାରୀ ରୂପକ ଏକ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି । ଏହି ପରିସ୍ଥିତିରେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିୟମାବଳୀକୁ ପ୍ରତ୍ୟେକ କ୍ଷେତ୍ରରେ ମାନି କାର୍ଯ୍ୟ କରିବାକୁ ଆପଣମାନଙ୍କୁ ମୁଁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-06
OIPR-15001/13/0006/2021





ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।
'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା କରିବା ସହିତ ରାଜ୍ୟର ପ୍ରଗତିରେ କ୍ରିୟାଶୀଳ ଭୂମିକା ନିର୍ବାହ ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-06
OIPR-15001/13/0006/2021





ବାର୍ତ୍ତା

'ମଇ ଦିବସ' ଅବସରରେ ବଡଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡଚଣା-ଧର୍ମଶାଳା, ଯାଜପୁର, ଓଡିଶା





ବାର୍ତ୍ତା

'ମଇ ଦିବସ' ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ଏବଂ ଶ୍ରମିକ ସମାଜର କଲ୍ୟାଣ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ପୁନଃଘୋଷଣା କରୁଛି ।
'କରୋନା' ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ନିୟମକୁ ଠିକ୍ ଭାବରେ ପାଳନ କରନ୍ତୁ । କାର୍ଯ୍ୟକ୍ଷେତ୍ରରେ ସାମାଜିକ ଦୂରତ୍ୱ ନିୟମକୁ ନିଶ୍ଚୟ ପାଳନ କରନ୍ତୁ ।

(ନବୀନ ପଟ୍ଟନାୟକ)
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-06
OIPR-15001/13/0006/2021




# ସ୍ମାର୍ଟ ପାୱାର ଇଣ୍ଡିଆ ଓ ସେସୁ ପକ୍ଷରୁ ଗ୍ରାହକଙ୍କ ପାଇଁ ଯୁଗ୍ମ ପଦକ୍ଷେପ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର: ଗ୍ରାମୀଣ ବିଦ୍ୟୁତ୍‌କରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ରକ୍‌ଫେଲର୍ ଫାଉଣ୍ଡେସନ୍‌ର ସହଯୋଗୀ ସଂସ୍ଥା ସ୍ମାର୍ଟ ପାୱାର ଇଣ୍ଡିଆ (ଏସ୍‌ପିଆଇ) ଓ ସେଂଟ୍ରାଲ୍ ଇଲେକ୍‌ଟ୍ରିସିଟି ସପ୍ଲାଏ ୟୁଟିଲିଟି ଅଫ୍ ଓଡ଼ିଶା (ସେସୁ) ପକ୍ଷରୁ ଯୁଗ୍ମ ଅଭିଯାନ 'ମଡେଲ୍ ଡିଷ୍ଟ୍ରିବ୍ୟୁସନ୍ ଜୋନ୍' (ଏମ୍‌ଡିଜେଡ୍) କାର୍ଯ୍ୟକ୍ରମ ଅଧୀନରେ ଗ୍ରାହକଙ୍କ ପାଇଁ ସୃଷ୍ଟି ହୋଇଥିବା ସମସ୍ୟାର ପ୍ରଭାବ କମ୍ କରିବା ଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ମୂତୟନ କରାଯାଇଛି। ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ରହିଛି ନିଶ୍ଚିତ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଓ ଲକ୍‌ଡାଉନ୍ ଅବଧିରେ ମାନବିକତା ଦୃଷ୍ଟିକୋଣରୁ କୌଣସି ଯୋଗାଣ କଟାଯିବ ନାହିଁ। ଏଭଳିକି ଗ୍ରାହକଙ୍କ ଉପରେ ବକେୟା ରାଶି ଥିବା କ୍ଷେତ୍ରରେ ମଧ୍ୟ ଯୋଗାଣ କଟାଯିବ ନାହିଁ। ଗ୍ରାହକମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ ପାଇଁ କଷ୍ଟମର କେୟାର କ୍ଷମତାକୁ ବୃଦ୍ଧି କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ଏମ୍‌ଡିଜେଡ୍ କାର୍ଯ୍ୟକ୍ରମ ଅଧୀନରେ ଥିବା ୬୩୦ଟି ଗ୍ରାମର ୫୫୦,୦୦୦ରୁ ଅଧିକ ଲୋକଙ୍କୁ ଆଶ୍ୱସ୍ତି ମିଳିବ।

ଓଡ଼ିଶାର ଗ୍ରାମାଂଚଳରେ ଭରସାଯୋଗ୍ୟ ବିଦ୍ୟୁତ ପହଂଚାଇବାରେ ଉନ୍ନତି ଆଣିବା ଲାଗି ଏକ ମଡେଲ୍ ଭାବେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ଏସ୍‌ପିଆଇ ଓ ସେସୁ ମଧ୍ୟରେ ସହଯୋଗିତା ଜରିଆରେ ୨୦୧୯ ଅଗଷ୍ଟରେ ଏମ୍‌ଡିଜେଡ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଭରସାଯୋଗ୍ୟତା ଓ ଗ୍ରାହକ ସେବାରେ ଉନ୍ନତି ଆଣି ବିଦ୍ୟୁତ ସେବାରେ ଉନ୍ନତି ପ୍ରଦର୍ଶନ କରିବା ଲାଗି କିଛି ନିର୍ଦ୍ଦିଷ୍ଟ ଅଂଚଳରେ ମଡେଲ୍ ଡିଷ୍ଟ୍ରିବ୍ୟୁସନ୍ ଜୋନ୍ ବିକଶିତ ଓ କାର୍ଯ୍ୟକାରୀ କରିବା ଲାଗି ଉଭୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ସେସୁ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ମିଟରିଂ, ବିଲିଂ ଓ ଆଦାୟ କାର୍ଯ୍ୟ ପାଇଁ ମାଇକ୍ରୋ-ଫ୍ରାଂଚାଇଜି ଭାବେ ନିୟୋଜିତ କରାଯାଇଛି।



ଏସ୍‌ପିଆଇର ସିଇଓ ଜୟଦୀପ ମୁଖାର୍ଜୀ କହିଛନ୍ତି ଯେ, "ଗ୍ରାମାଂଚଳରେ ଭରସାଯୋଗ୍ୟ ବିଦ୍ୟୁତ ପହଂଚାଇବାରେ ଉନ୍ନତି ଆଣିବା ଲାଗି ଗ୍ରାହକ ଅନୁଭୂତି ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟ ନେଇ ଗତବର୍ଷ ସେସୁ ସହିତ ମିଶି ଆମେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ। ବିଶେଷ କରି ଗ୍ରାମାଂଚଳରେ ଚାହିଦା ଜାରି ରଖିବା ଓ ବୃଦ୍ଧି ଆଣିବା ଲାଗି ଉତମ ଗ୍ରାହକ ସେବା ଜରୁରୀ। ନିରନ୍ତର ପ୍ରଭାବଶାଳୀ ସେବା, ବିଶେଷ କରି ଏଭଳି ସଙ୍କଟ ସମୟରେ ଜାରି ରଖିଲେ ଗ୍ରାମାଂଚଳ ଗ୍ରାହକଙ୍କ ପାଇଁ ବିଦ୍ୟୁତ ଯୋଗାଣ ଅଧିକ ମୂଲ୍ୟବାନ ହୋଇପାରିବ ବୋଲି ଆମର ଯେଉଁ ବିଶ୍ୱାସ ରହିଛି ତାହାକୁ ନଜରରେ ରଖି ଆମେ ଏହି ପଦକ୍ଷେପ ଆରମ୍ଭ କରିଛୁ। ବିଶ୍ୱ ମହାମାରୀ ସମୟରେ ଗୁଣାତ୍ମକ ବିଦ୍ୟୁତ ଯୋଗାଣକୁ ନିଶ୍ଚିତ କରିବା ଅଧିକ ଜରୁରି ହୋଇପଡ଼ିଛି, କାରଣ ସ୍ୱାସ୍ଥ୍ୟ ସେବାକୁ ଜାରି ରଖିବା ଲାଗି ବିଦ୍ୟୁତ ଯୋଗାଣ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏମ୍‌ଡିଜେଡ୍ କାର୍ଯ୍ୟକ୍ରମ ଅଧୀନରେ ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ପାଇଁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣକୁ ନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଫିଲ୍‌ଡ ଟିମ୍ ଗଠନ କରାଯାଇଛି।''

ସେସୁର ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ସ୍ମୃତି ରଂଜନ ସ୍ୱାଇଁ କହିଛନ୍ତି ଯେ, "ଏଭଳି ସ୍ୱାସ୍ଥ୍ୟ ସଙ୍କଟ ସମୟରେ ବିଦ୍ୟୁତ ଯୋଗାଣର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଆମର ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବା ଲାଗି, ଆମେ ଯୋଗାଣ ସମୟରେ ଉନ୍ନତି ଆଣିଛୁ ଏବଂ ବିଦ୍ୟୁତ ଯୋଗାଣରେ ଉନ୍ନତି ଆଣିବା ଲାଗି ପ୍ରତ୍ୟକ୍ଷ ଭାବେ ନେଟ୍‌ୱର୍କ ମରାମତି କରୁଛୁ। ଏହି ଲକ୍‌ଡାଉନ୍ ଅବଧିରେ କୌଣସି ବିଦ୍ୟୁତ ଯୋଗାଣ ନକାଟିବା ଠାରୁ ଆରମ୍ଭ କରି ନିରନ୍ତର ବିଦ୍ୟୁତ ଯୋଗାଣ ଭଳି ଅନେକ ଗ୍ରାହକ କୈନ୍ଦ୍ରୀକ ପଦକ୍ଷେପ ଆମେ କାର୍ଯ୍ୟକାରୀ କରିଛୁ।

# କରୋନା ଭ୍ୟାକସିନର ଚଣ୍ଡିଗଡରେ ସଫଳ ପରୀକ୍ଷଣ, ପିଜିଆଇକୁ ମିଳିଲା ସଫଳତା

ଚଣ୍ଡିଗଡ,(ପିଏନ)-କରୋନା ସଙ୍କଟ ମଧ୍ୟରେ ଚଣ୍ଡିଗଡ ପିଜିଆଇକୁ ବଡ ସଫଳତା ମିଳିଛି। ପିଜିଆଇ ଦୃଢୋକ୍ତି ପ୍ରକାଶ କରିଛି ଯେ, କରୋନା ଭାଇରସ୍‌ର ବିକଳ୍ପ ଔଷଧ ଭାବେ ଆରମ୍ଭ ହୋଇଥିବା ସେଫ୍ଟି ଟ୍ରାଏଲରେ ସକରାତ୍ମକ ଫଳାଫଳ ମିଳିଛି। ପିଜିଆଇ କୁଷ୍ଠ ରୋଗର ଚିକିତ୍ସାରେ ଦିଆଯାଉଥିବା ଔଷଧ ମାଇକ୍ରୋବ୍ୟାକ୍ଟେରିୟମ ଡବ୍ଲ୍ୟୁ ଭ୍ୟାକସିନକୁ ୬ ରୋଗୀଙ୍କ ଠାରେ ପ୍ରୟୋଗ କରିଛି, ଯାହାର ସକରାତ୍ମକ ପରିଣାମ ନଜର ଆସିଛି। ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି ଯେ, କରୋନା ଚିକିତ୍ସା ସମୟରେ ଯେଉଁ ରୋଗୀଙ୍କ ଅକ୍ସିଜେନ୍ ଆବଶ୍ୟକ ଥିଲା, ସେହି ରୋଗୀଙ୍କୁ ମାଇକ୍ରୋବ୍ୟାକ୍ଟେରିୟମ ଡବ୍ଲ୍ୟୁ ଭ୍ୟାକସିନର ୦.୩ ଏମ.ଏଲ ଔଷଧର ଇଞ୍ଜେକ୍ସନ ଦିଆଯିବା ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଛି।

ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କହିବା କଥା ରୋଗୀଙ୍କ ଉପରେ କ୍ରମାଗତ ତିନି ଦିନ ପର୍ଯ୍ୟନ୍ତ ଏହି ଔଷଧ ପ୍ରୟୋଗ କରାଯାଇଛି। ଏହା ପରେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାରେ ସକରାତ୍ମକ ପ୍ରଭାବ ପଡିଛି। ଉଲ୍ଲେଖଯୋଗ୍ୟ, ଏହି ଔଷଧକୁ ପ୍ରଥମେ କୁଷ୍ଠ, ନିମୋନିଆ ଗ୍ରସ୍ତ ରୋଗୀଙ୍କଠାରେ ପ୍ରୟୋଗ କରାଯାଇଥିଲା, ଯାହାର ଫଳାଫଳ ସକରାତ୍ମକ ଆସିଥିଲା। ଏବେ କରୋନା ରୋଗୀଙ୍କଠାରେ ଏହି ଔଷଧକୁ ପ୍ରୟୋଗ କରାଯାଇଛି ଏବଂ ଅଦ୍ୟାବଧି ପରିଣାମ ସକରାତ୍ମକ ଆସିଛି।

ଗତ ସପ୍ତାହରେ ପିଜିଆଇ ଚଣ୍ଡିଗଡକୁ ଭାରତ ସରକାର କରୋନା ଭାଇରସ୍ ଭ୍ୟାକସିନର କ୍ଲିନିକଲ ଟ୍ରାଏଲ ପାଇଁ ଚୟନ କରିଥିଲେ। କାଉନସିଲ ଅଫ ସାଇନ୍ସ ଆଣ୍ଡ ଇଣ୍ଡଷ୍ଟ୍ରିୟାଲ ରିସର୍ଚ୍ଚ କରୋନା ଭାଇରସ୍ ଉପରେ କୁଷ୍ଠ ରୋଗ ନିରାକରଣରେ ବ୍ୟବହୃତ ହେଉଥିବା ଭ୍ୟାକସିନ ମାଇକ୍ରୋବ୍ୟାକ୍ଟେରିୟମ ଡବ୍ଲ୍ୟୁର କ୍ଲିନିକଲ ଟ୍ରାଏଲକୁ ମଞ୍ଜୁରୀ ଦେଇଥିଲେ।

ଏହି ପରି ସିଏସଆଇ ଆର ଗୁଜୁରାଟର ଫାର୍ମା କମ୍ପାନୀ କ୍ୟାଡିଲା ହେଲ୍‌ଥ କେୟାର ଲିମିଟେଡ୍ ସହିତ ମିଶି ଏମଡବ୍ଲ୍ୟୁ ଭ୍ୟାକସିନକୁ କରୋନା ଭାଇରସ ଉପରେ କ୍ଲିନିକଲ ଟ୍ରାଏଲ ଆଗକୁ ମଧ ଜାରି ରହିବ ବୋଲି ପିଜିଆଇ ହସ୍ପିଟାଲ କର୍ତ୍ତୃପକ୍ଷ ପକ୍ଷରୁ କୁହାଯାଇଛି। ଏହି କ୍ଲିନିକଲ ଟ୍ରାଏଲ କରିବାକୁ ପିଜିଆଇ ଚଣ୍ଡିଗଡ ସହିତ ଦିଲ୍ଲୀ ଏମ୍ସ ଓ ଭୋପାଳର ଏମ୍ସକୁ ମଧ ମଞ୍ଜୁରୀ ମିଳିଛି।

## ଲକଡାଉନ୍ ଯୋଗୁଁ ଟ୍ରାନ୍ସପୋର୍ଟେସନରେ ସମସ୍ୟା

# ପନିପରିବା ବିଲରେ ସଢୁଛି, ଏପଟେ ଦର ଆକାଶ ଛୁଆଁ

**କନ୍ଧମାଳ,(ପିଏନ)--** ମହାମାରୀ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଏବେ ଦେଶବ୍ୟାପୀ ଲକଡାଉନ୍ ଘୋଷଣା କରିଛନ୍ତି ସରକାର। ଲକଡାଉନ୍ ଦୁଇଟି ପର୍ଯ୍ୟାୟରେ କେନ୍ଦ୍ର ସରକାର ମାର୍ଚ୍ଚ ୨୪ରୁ ମେ ୩ ଯାଏଁ ବଳବତର ରଖିଛନ୍ତି। ତେବେ, ଏ ସମୟରେ ଗାଡିମଟର, ଦୋକାନ ବଜାର ସମେତ ସବୁକିଛି ବନ୍ଦ କରିବାଲାଗି ନିର୍ଦ୍ଦେଶ ରହିଥିଲେ ମଧ ପନିପରୀବା ଦୋକାନ, ଗ୍ରସେରୀ, ମାଛ, ମାଂସ, ଅଣ୍ଡା, କ୍ଷୀର, ଫଳ ଦୋକାନ, ମେଡିସିନ ଆଦି ଦୋକାନ ଖୋଲା ରଖିବା ଲାଗି ପରାମର୍ଶ ଦେଇଛନ୍ତି। ତେବେ, ମେଡିସିନକୁ ଛାଡିଦେଲେ ରାସନ, ପନିପରୀବା, ମାଛ, ମାଂସ ଆଦି ଦୋକାନ ସବୁ ସକାଳ ୭ରୁ ୧୧ ଯାଏଁ ହିଁ ଖୋଲାଯାଇପାରିବ। ଲୋକମାନେ ଏହି ସମୟରେ ହିଁ ଚାଲି ଚାଲି ଆସି ନିକଟସ୍ଥ ମାର୍କେଟରୁ କିଣିପାରିବେ ବୋଲି ମଧ ପ୍ରଶାସନ ପରାମର୍ଶ ଦେଇଛି। ଲକଡାଉନ୍ ଯୋଗୁଁ ପନିପରୀବା ଦର ମାସେ ହେଲାଣି କମିବାର ନାଁ ନେଉନି। ଏଣେ ପନିପରୀବା ଚାଷୀଙ୍କ ପନିପରୀବା ଟମାଟୋ, ବାଇଗଣଠୁ ଆରମ୍ଭ କରି କାକୁଡି, କଲରା, କୋବି ସବୁ ବିକ୍ରି ହୋଇନପାରି ବିଲରେ ପଡି ସଢିଗଲାଣି। ବେପାରୀ ଆସୁନାହାଁନ୍ତି କି ପନିପରୀବା ଆଗପରି ନେଉନାହାଁନ୍ତି। ଚାଷୀ ମଧ ପୋଲିସ ଭୟରେ ମାର୍କେଟକୁ ନିଜେ ବି ଆଣିପାରୁନି। ପାଖାପାଖି କିଛି ଚାଷୀ ସାଇକଲରେ କିମ୍ବା ମୁଣ୍ଡରେ ବୋହି ବିକ୍ରି କରିବାକୁ ଆଣୁଛନ୍ତି। ଅଟୋ କିମ୍ବା ଗାଡିମଟର ଚାଲୁନଥିବା ଓ ଅନୁମତି ଦରକାର ପଡୁଥିବାରୁ ଚାଷୀମାନେ ଉତ୍ପାଦିତ ପନିପରୀବା ବିଲରେ ହିଁ ନତୋଳି କରି ଛାଡିଦେଇଛନ୍ତି। ସେହିପରି ଅଦିନିଆ ଝଡବର୍ଷା ମଧ ପନିପରୀବା ଚାଷକୁ ସଂପୂର୍ଣ୍ଣ ଛାରଖାର କରିଦେଲା ଜିଲ୍ଲାରେ। ଫଳରେ ପନିପରୀବା ଦର ସହରରେ ବଢିବାରେ ଲାଗିଛି। ବାଇଗଣ କିଲୋ ପିଛା ୪୦ଟଙ୍କା, ଭେଣ୍ଡି ୪୦, ମୁନିକା ଛୁଇଁ କିଲୋ ୬୦ ଟଙ୍କା, ଫୁଲକୋବି ୫୦ ଟଙ୍କା, କଟକିପୋଟଳ ୫୦ ଟଙ୍କା, ଝୁଡଙ୍ଗ ୫୦ ଟଙ୍କା, ଟମାଟୋ ୨୦ ଟଙ୍କା, ତୋରଡା ୪୦ ଟଙ୍କା, କଲରା ୪୦ ଟଙ୍କା, ପିଆଜ ୩୦ ଟଙ୍କା, ଆଳୁ ୨୫ ଟଙ୍କା ଆଦି ରହିଛି। ପାଚିଲା ଆମ୍ବ ୧୦୦ ଟଙ୍କାରେ ବିକ୍ରି ହେଉଛି। ଲୋକେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ୨ ଶହ ଟଙ୍କା ପରିବାରେ ବ୍ୟାଗ ପୁରୁନି। ଜିଲ୍ଲାରେ ରବି ଋତୁରେ ପ୍ରାୟ ୭ ହଜାର ୩୨୦ ହେକ୍ଟର ଚାଷଜମିରେ ପନିପରୀବା ଚାଷ ହୋଇଥିଲା। ଚାଷ ବି ଜଳସେଚନ ସୁବିଧା ଯୋଗୁଁ ଭଲ ବି ହୋଇଥିଲା। ପନିପରୀବା ବିକି ଭଲ ଦିପଇସା ରୋଜଗାର କରିବ ବୋଲି ଭାବିଥିଲା ଚାଷୀ। ହେଲେ ମହାମାରୀ କରୋନା ସବୁ କିଛି ଓଲଟପାଲଟ କରିଦେଲା ସେମାନଙ୍କ ଭବିଷ୍ୟତକୁ। ସାହୁକାରଙ୍କ ଠାରୁ ଋଣ ଆଣିଥିଲେ, ପରୀବା ବିକି ଋଣ ଶୁଝିଦେବେ ବୋଲି ଭାବିଥିଲେ ଚାଷୀ ରତ୍ନାକର। ହେଲେ ଏକର ଏକର ଚାଷ ନଷ୍ଟ ହୋଇଗଲା। ଏବେ କ'ଣ କରିବେ, ମୁଣ୍ଡରେ ହାତଦେଇ ବସିଛନ୍ତି। ନିଜ ଆଖି ଆଗରେ ପରିଶ୍ରମ କରି ପଳାଇଥିବା ପନିପରୀବା ନଷ୍ଟ ହେବା ଦେଖି ନିଜକୁ ବୁଝାଇ ପାରୁନାହାଁନ୍ତି ରତଙ୍ଗ ଚାଷୀ। ସରକାର ଚାଷୀମାନଙ୍କୁ କିଛି ସହାୟତା ରାଶି ପ୍ରଦାନ କଲେ ଅନ୍ତତଃ କ୍ଷତିଗ୍ରସ୍ତ ପରିବା ଚାଷୀଙ୍କୁ କିଛିଟା ଉପଶମ ମିଳିପାରନ୍ତା। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ତଦନ୍ତ କରି ଉପଯୁକ୍ତ କ୍ଷତିପୂରଣ ଦେବାଲାଗି ସମାଜସେବୀ ମହମ୍ମଦ ଜିଆଉଦ୍ଦିନ ଦାବୀ କରିଛନ୍ତି। ତେବେ, ଏନେଇ ପ୍ରଶାସନିକ ଅଧିକାରୀ କିମ୍ବା ପୋଲିସ ବାବୁଙ୍କୁ ପଚାରିଲେ ପନିପରୀବା ପରିବହନରେ କୌଣସି କଟକଣା ନଥିବା କହିଛନ୍ତି। ଚାଷୀ ଗାଡିମଟର ଯୋଗେ ସେମାନଙ୍କ ଉତ୍ପାଦିତ ପନିପରୀବା ବେଶ୍ ସୁବିଧାରେ ଆଣି ବିକ୍ରି କରିପାରିବେ। ତେବେ, ଲକଡାଉନ୍ ଯୋଗୁଁ ଗାଡିମଟର କେହି ରାଜି ହେଉନଥିବା ବେଳେ ପୋଲିସ ମଧ ପିଟୁଛି ସମସ୍ତଙ୍କୁ। ଫଳରେ ଭୟରେ ଚାଷୀ ଉତ୍ପାଦିତ ପନିପରୀବା ବିକିବାକୁ ଆସୁନଥିବାରୁ ପନିପରୀବା ଦର ବଢିଚାଲିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ, କୃଷି ବିଭାଗ ଦୃଷ୍ଟି ଦେବାକୁ ଦାବୀ ହେଉଛି।

# ଏନ୍‌ଏସ୍‌ଡିସିର ଇ-ସ୍କିଲ୍ ପୋର୍ଟାଲରେ ୪୦୦ରୁ ଅଧିକ ପାଠ୍ୟକ୍ରମ

ନୂଆଦିଲ୍ଲୀ : ଭାରତରେ ସ୍କିଲ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଯୁବ ବର୍ଗଙ୍କୁ କୁଶଳୀ କରାଇବା ପାଇଁ ଯୋଜନା ବଦ୍ଧ ଭାବେ ପ୍ରୟାସ ଆରମ୍ଭ ହୋଇଛି। ମାତ୍ର ସମ୍ପ୍ରତି କୋଭିଡ୍-୧୯ ସଂକ୍ରମଣ ଯୋଗୁ ସମଗ୍ର ବିଶ୍ୱରେ ପାଠପଢ଼ା ସହିତ ବହୁ କାର୍ଯ୍ୟ ବନ୍ଦ ରହିଛି। ଏପରିସ୍ଥଳେ ଡିଜିଟାଲ ଲର୍ଣ୍ଣିଂ ପ୍ରତି ଶିକ୍ଷାର୍ଥୀ ଆକୃଷ୍ଟ ହେଉଛନ୍ତି। ତେଣୁ ଏବେ ଏନ୍‌ଏସ୍‌ଡିସିର ଇ-ସ୍କିଲ୍ ଇଣ୍ଡିଆ ପୋର୍ଟାଲରେ ୪୦୦ରୁ ଅଧିକ ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଛି। ଏସବୁ ଇ-ପାଠ୍ୟକ୍ରମ ଇଂଲିଶ୍ ସ୍କୋର, ଏସ୍‌ଏଏସ୍ ଇଣ୍ଡିଆ, ଆମେରିକାର ସେଲର ଏକାଡେମୀ ଏବଂ ଅପ୍‌ଗ୍ରାଡ୍ ଆଦି ପକ୍ଷରୁ ଗୋଟିଏ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି।ଇ-ସ୍କିଲ୍ ଇଣ୍ଡିଆ ପକ୍ଷରୁ ଭର୍ଚ୍ୟୁଆଲ୍ ଲର୍ଣ୍ଣିଂ ଏବଂ ରିମୋଟ କ୍ଲାସ୍ ରୁମ୍ ସୁବିଧା ଉପଲବ୍ଧ କରାଇବାକୁ ସକ୍ଷମ ହେବ।ଏହି ଅବସରରେ ଜାତୀୟ ଦକ୍ଷତା ବିକାଶ କର୍ପୋରେଶନ ଏମ୍‌ଡି ଏବଂ ସିଇଓ ଡ. ମନୀଶ କୁମାର କହିଲେ, " ସମ୍ପ୍ରତି ଦେଖାଦେଇଥିବା ଅନିଶ୍ଚିତ ସମୟରେ ପାଠପଢ଼ା ଜାରି ରଖିବା ପାଇଁ ଅନ୍‌ଲାଇନ୍ ଏକ ବିକଳ୍ପ ଭାବେ ଉଭା ହୋଇଛି। ତେଣୁ ସେଲଫ୍ ଲର୍ଣ୍ଣିଂ ସୁବିଧା ସହିତ ଉଚ୍ଚଗୁଣାବର୍ତାଯୁକ୍ତ ଚିକିତ୍ସାର ଆବଶ୍ୟକତା ରହିଛି। ଏନେଇ ବହୁ ନଲେଜ୍ ପ୍ରୋଭାଇଡର ସହିତ ଆମେ ମିଳିତ ଭାବେ କାର୍ଯ୍ୟ କରୁଛୁ।ଏନ୍‌ଏସ୍‌ଡିସି ବ୍ରିଟିଶ୍ କାଉସିଲ୍‌ର ଇଂଲିଶ୍ ସ୍କୋର୍ ଆପ୍ ସହିତ ମିଳିତ ହୋଇ ବିଶ୍ୱସ୍ତରୀୟ ଇଂଲିଶ୍ ଭାରତୀୟ ଯୁବବର୍ଗଙ୍କୁ ଉପଲବ୍ଧ କରାଇବାକୁ ସକ୍ଷମ। ଏହା ୧ ଲକ୍ଷ ମାଗଣା ପ୍ରମାଣ ପତ୍ର ଭାରତୀୟ ଯୁବବର୍ଗଙ୍କୁ ପ୍ରଦାନ କରିବାକୁ ଚୁକ୍ତିବଦ୍ଧ। ସେହିପରି ୱାଶିଂଟନ ଡିସି ସ୍ଥିତ ସେଲର ଏକାଡେମୀ ସହିତ ମିଳିତ ହୋଇ ଏନ୍‌ଏସ୍‌ଡିସି ଭାରତୀୟ ଯୁବବର୍ଗଙ୍କୁ ବେଲେଭ୍ୟୁ, ବେଥେଲ୍,ବ୍ରାଣ୍ଡାନ୍, କ୍ୟାଥଲିକ୍, କୋଲୋରାଡୋ, ସଦର୍ନ ନିୟୁ ହାମ୍ପିଶେଏର,ଥୋମାସ୍ ଏଡିସନ୍, ମାରିଲ୍ୟାଣ୍ଡ୍ ଆଦି ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାଦାନ କରାଯାଇପାରିବ। ଏସ୍‌ଏଏସ୍ ସହିତ ମିଳିତ ହୋଇ ଇ-ସ୍କିଲ୍ ଇଣ୍ଡିଆ ପକ୍ଷରୁ ଡାଟା ଆନାଲିଟିକ୍ସ, ମେସିନ୍ ଲର୍ଣ୍ଣିଂ, ପ୍ରିଡେକ୍ଟିଭ୍ ମଡେଲିଙ୍ଗ୍,ଷ୍ଟାଟିକାଲ୍ ବିଜନେସ୍ ଆନାଲିଟିକ୍ସ ଆଦି ଉପରେ ଶିକ୍ଷାଦାନ କରାଯିବ। ଏହା ଆଇଟି, ରିଟେଲ୍ ଫାର୍ମା,ବ୍ୟାଙ୍କିଂ ଏବଂ ଫାଇନାନ୍ସ, ମାନ୍ୟୁଫାକଚରିଂ ଆଦି ଶିଳ୍ପ କ୍ଷେତ୍ରରେ ବେଶ୍ ଉପଯୋଗୀ ହୋଇପାରିବ। ୱାଧୱାନି ଫାଉଣ୍ଡେଶନ ସହିତ ମିଳିତ ହୋଇ ଏନଏସ୍‌ଡିସି ପକ୍ଷରୁ ଭାରତୀୟ ଯୁବବର୍ଗଙ୍କୁ ନିର୍ଦ୍ଦିଷ୍ଟ ଦକ୍ଷତା ଏବଂ ଉଦ୍ୟୋଗିକ ବିକାଶ କାର୍ଯ୍ୟ ଏହି ପୋର୍ଟାଲ ଦ୍ୱାରା ସମ୍ପନ୍ନ ହୋଇପାରିବ। ଏହି ପୋର୍ଟାଲ୍ ସହାୟତାରେ ଘରେ ରହି କାମ ସମ୍ପନ୍ନ ହେବା ସହିତ ଏନରୋଲ୍ କରାଯାଇ ପାରିବ। ଏନେଇ ଏନ୍‌ଏସ୍‌ଡିସି ପକ୍ଷରୁ ଅମ୍ରିତା ବିଶ୍ୱବିଦ୍ୟାଳୟ,ସେଲଫୋର୍ସ, ଏସ୍‌ଏଏସ୍, ୱାଧୱାନି ଫାଉଣ୍ଡେଶନ, ସେଲର ଏକାଡେମୀ, ଟିସିଏସ୍ ଆୟନ, ବେଟ୍ଟ୍ୟୁ ୟୁ, ଆପୋଲୋ ମେଡ୍ ଭାରସିଟି, ଆଇ-ପ୍ରାଇମଡ୍, ଲିକ୍ ଭିଡ୍ ଇଂଲିଶ୍ ଏଡଜ୍, ଫେୟାର ଆଣ୍ଡ ଲଭ୍‌ଲି ଫାଉଣ୍ଡେଶନ, ଆଇବିଏମ୍ ସ୍କିଲ୍ ଆଦି ସହିତ ମିଳିତ ଭାବେ କାର୍ଯ୍ୟ ଜାରି ରହିଛି।




# ସ୍ପିଡ ପୋଷ୍ଟ ଜରିଆରେ ଔଷଧ ଯୋଗାଣ

ଭୁବନେଶ୍ୱର: ଲକଡାଉନ ସମୟରେ ସ୍ପିଡ ପୋଷ୍ଟ ଜରିଆରେ ଔଷଧ ଯୋଗାଣ ସୁନିଶ୍ଚିତ କରିବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେବା ଲାଗି ଡାକ ବିଭାଗ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ର ସଂଚାର, ନ୍ୟାୟ ଓ ଆଇନ, ଇଲେକ୍ଟ୍ରୋନିକ୍ସ ତଥା ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ରବିଶଙ୍କର ପ୍ରସାଦ। ଏକ ଟ୍ୱିଟ ଜରିଆରେ ସୂଚନା ଦେଇ ସଂଚାର ମନ୍ତ୍ରୀ ଶ୍ରୀ ପ୍ରସାଦ ଉଲ୍ଲେଖ କରିଛନ୍ତି ଯେ ଡାକ ବିଭାଗର ସମସ୍ତ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଯାହାଫଳରେ ସେମାନେ ଔଷଧ ପଠାଇବା ଏବଂ ଗ୍ରହଣ କରିବାରେ କୌଣସି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ସାରା ଦେଶରେ ଥିବା ସମଗ୍ର ପୋଷ୍ଟାଲ ନେଟୱର୍କକୁ ଏଥିପାଇଁ ସକ୍ରିୟ କରାଯାଇଛି। ଏହି ଉଦ୍ଦେଶ୍ୟ ଲାଗି ଆନ୍ତଃରାଜ୍ୟ ଏବଂ ରାଜ୍ୟ ଭିତରେ ଡାକ ପରିବହନ ଲାଗି ବ୍ୟବସ୍ଥା କରାଯାଇଛି। ଜରୁରି ଔଷଧ, କୋଭିଡ-୧୯ ଟେଷ୍ଟିଂ କିଟ, ଚିକିତ୍ସା ସରଞ୍ଜାମକୁ ସଠିକ ଠିକଣାରେ ପହଁଚାଇବା ଲାଗି ନାଲି ରଙ୍ଗର ଡାକ ଭ୍ୟାନ ଏବଂ ସଡ଼କ ପରିବହନ ନେଟୱର୍କ ନିରନ୍ତର ସେବା ଯୋଗାଇ ଆସୁଛନ୍ତି। ବିଭିନ୍ନ ଔଷଧ ଉତ୍ପାଦକମାନଙ୍କ ସହିତ ମିଶି ଡାକ ବିଭାଗ ପକ୍ଷରୁ ଔଷଧ ଏବଂ ଚିକିତ୍ସା ସରଞ୍ଜାମର ନିରନ୍ତର ଯୋଗାଣକୁ ସୁନିଶ୍ଚିତ କରାଯାଉଛି। ଡାକ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଏଥିପାଇଁ ଦିନରାତିରେ କାର୍ଯ୍ୟ କରୁଛନ୍ତି।



# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Friday, May 01,2020 ଭୁବନେଶ୍ୱର ଶୁକ୍ରବାର ମଇ ୦୧,୨୦୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କରୋନା ଯୋଦ୍ଧାଙ୍କୁ ଧନ୍ୟବାଦ ଜଣାଇଲା ୱାଇ.ଏସ.ଡି




ଭୁବନେଶ୍ୱର : ମହାମାରୀ "କରୋନା" ଭୁତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବ୍ରହ୍ମପୁର ସ୍ଥିତ ୟୁଥ ଫର ସୋସିଆଲ ଡେଭଲପମେଣ୍ଟ (YSD) ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବୁଧବାର ସମସ୍ତ ଫ୍ରଣ୍ଟଲାଇନ କର୍ମଚାରୀଙ୍କୁ କରୋନା ଭାଇରସ ମହାମାରୀ ବୀରୋଧରେ ଲଢେଇ କରୁଥିବାରୁ ଧନ୍ୟବାଦ ଦିଆଯାଇଛି । ଏହାସହ ଲକଡାଉନ ସମୟରେ ଏବଂ ସାମାଜିକ ଦୂରତାର ନୀୟମକୁ ମାନିବା ପାଇଁ ପ୍ରବର୍ତାଇଛନ୍ତି । ଡାକ୍ତର, ଅଙ୍ଗନୱାଡି କର୍ମୀ, ଏ.ଏନ.ଏମ, ଆଶା, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପରିମଳ କର୍ମଚାରୀ ଯାହାକି ଯେଉଁମାନେ ବ୍ୟକ୍ତିଗତ ସୁରକ୍ଷା ବିଷୟରେ ଚିନ୍ତା ନକରି ଅନ୍ୟ ମାନଙ୍କୁ ସାହାଯ୍ୟ କରୁଛନ୍ତି । ଏହାସହ ସେମାନେ ତାଙ୍କର ପରିବାର ସଦସ୍ୟ ସ୍ତ୍ରୀ, ସ୍ୱାମୀ ଏବଂ ପିଲାମାନଙ୍କର ବଳୀଦାନକୁ କେବେବି ଭୁଲିପାରିବୁ ନାହିଁ ବୋଲି କହିଛନ୍ତି । ଏହି ଯୁଦ୍ଧରେ ଲଢିବା ପାଇଁ ସେମାନଙ୍କର ସହଯୋଗ ଏବଂ ସମର୍ଥନ ଦରକାର ବୋଲି କହିଥିଲେ । ଏଥି ସହିତ ୱାଇ.ଏସ.ଡି ଦ୍ୱାରା ମାସ୍କ, ଗ୍ଲୋଭସ, ସାନିଟାଇଜର ଏବଂ ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ କୋଭିଡ-୧୯ ମହାମାରୀ କାର୍ଯ୍ୟକ୍ରମରେ ନିଯୁକ୍ତ ଥିବା ଆଗଧାଡିର କର୍ମଚାରୀଙ୍କୁ ବଣ୍ଟନ କରାଯାଇଥିଲା । ଗଞ୍ଜାମ ଜିଲ୍ଲାର ୩ଟି ବ୍ଲକରେ ( ଖଲ୍ଲିକୋଟ, ପୁରୁଷୋତମପୁର ଓ କବିସୂର୍ଯ୍ୟନଗର) ୫୦୦ ରୁ ଅଧିକ ଆଗଧାଡିର କର୍ମଚାରୀ ଯଥା ଅଙ୍ଗନୱାଡି କର୍ମୀ, ଏ.ଏନ.ଏମ, ଆଶା, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପି.ପି.ଇ କିଟ ବଣ୍ଟନ କରାଯାଇଥିଲା । ଏହା ସମୟରେ ଲୋକମାନଙ୍କୁ ସାମାଜିକ ଦୂରତା ରକ୍ଷା କରିବା ସହ ହାତକୁ ବାରମ୍ବାର ସାନିଟାଇଜର କିମ୍ବା ସାବୁନରେ ହାତ ଧୋଇବା ପାଇଁ ସଚେତନ କରାଯାଇଥିଲା । ଲୋକମାନେ ଘରୁ ନବାହାରି ନିଜ ନିଜ ଘରେ ରହିବା ଦ୍ୱାରା "କରୋନା" ଭାଇରସକୁ ରୋକାଯାଇପାରିବ ବୋଲି ବାର୍ତା ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମ ପାଇଁ ୱାଇ.ଏସ.ଡି ର କର୍ମକର୍ତା ଓ ସ୍ୱେଚ୍ଛାସେବୀ ମାନେ କରୋନା ପ୍ରତିଷେଧକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ତାଲିମ ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଚନ୍ଦନ କୁମାର ସାହୁ, ଅଭିରାମ କହଁର, ନାଗେଶ୍ୱର ପାତ୍ର, ପ୍ରକାଶ ଚନ୍ଦ୍ର ସାହୁ, ରାଜେନ୍ଦ୍ର ବାଡତ୍ୟା ଓ ବିଭିନ୍ନ ଅଂଚଳର ସ୍ୱେଚ୍ଛାସେବୀ କର୍ମୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

# ବିଗ୍ ବଜାର ଏବେ ଦୁଆର ମୁହଁରେ ସାମଗ୍ରୀ ଡେଲିଭରି ଦେଉଛି

## ନିଜ ଘରୁ ଆରାମରେ ନିଜର ସମସ୍ତ ଖାଦ୍ୟ ଓ ଗ୍ରୋସରି ସାମଗୀର ବରାଦ କରନ୍ତୁ

ଭୁବନେଶ୍ୱର : କୋଭିଡ୍-୧୯ ବିରୋଧରେ ଆମର ଲଢ଼େଇ ଜାରି ରହିଥିବା ବେଳେ ଭାରତର ସବୁଠୁ ପସନ୍ଦଯୋଗ୍ୟ ହାଇପରମାର୍କେଟ୍ ଶୃଙ୍ଖଳା ବିଗ୍ ବଜାର ତରଫରୁ ଏହି ଜରୁରୀକାଳୀନ ସମୟରେ ଗ୍ରାହକଙ୍କୁ ସହାୟତା ଦେବା ଲାଗି ସବୁ ପ୍ରକାର ସମ୍ଭବ ଉପାୟ ଗ୍ରହଣ କରାଯାଉଛି । ସେମାନେ ମୋବାଇଲ୍ ସାଇଟ୍ ଝଷକ୍ଟକ୍ତ୍ର.ଇସଶଇବଛବବକ୍ଷ.ମକ୍ଷଙ୍କ କୁ ଉନ୍ମୋଚନ କରିଛନ୍ତି ଯାହାକୁ ସମସ୍ତ ଗ୍ରାହକଙ୍କ ସୁବିଧା ଏବଂ ଲାଭ ପାଇଁ ସୃଷ୍ଟି କରାଯାଇଛି । ବ୍ୟବହାର କରିବାକୁ ଅତ୍ୟନ୍ତ ସହଜ ହୋଇଥିବାରୁ ଗ୍ରାହକମାନଙ୍କୁ କେବଳ ନିଜ ଅଂଚଳର ପିନ୍ କୋଡ୍ ଦାଖଲ କରି ନିକଟତମ ବିଗ୍ ବଜାର ଷ୍ଟୋର୍ ଚୟନ କରିବାକୁ ପଡ଼ିବ ଏବଂ ଦୈନନ୍ଦୀନ ଆବଶ୍ୟକ ସାମଗ୍ରୀକୁ କାର୍ଟରେ ଯୋଗ କରିବାକୁ ପଡ଼ିବ । ସ୍ପର୍ଶବିହୀନ ଓ ସୁରକ୍ଷିତ ଭାବେ ସାମଗ୍ରୀକୁ ଗ୍ରାହକଙ୍କ ଦୁଆର ମୁହଁରେ ଡେଲିଭରି ଦିଆଯିବ । ଏହା ବ୍ୟତୀତ, ଗ୍ରାହକମାନେ ଫୋନ୍ କଲ୍ ଓ ହ୍ୱାଟସ୍‌ଆପ୍ ମେସେଜ୍ ଜରିଆରେ ମଧ୍ୟ ନିଜର ସାମଗ୍ରୀ ପାଇଁ ବରାଦ ଦେଇପାରିବେ ଏବଂ ତାହାର ଡେଲିଭରି ଘରେ ପାଇପାରିବେ । ଏହା ବ୍ୟତୀତ, ସପିଙ୍ଗ୍ ସମୟକୁ କମ୍ କରିବା ପାଇଁ ଗ୍ରାହକମାନେ ଯେକୌଣସି ବିଗ୍ ବଜାର ଷ୍ଟୋର୍‌ରେ ପହଂଚି ଷ୍ଟୋର୍ ପିକ୍-ଅପ୍ ବିକଳ୍ପ ଚୟନ କରିପାରିବେ, ଯେଉଁଠାରେ ସେମାନେ ଅନଲାଇନ୍‌ରେ ପେମେଂଟ୍ କରିବା ପରେ ଷ୍ଟୋର୍‌ରେ ପହଂଚି ବରାଦ ଦିଆଯାଇଥିବା ସାମଗ୍ରୀକୁ ନେଇପାରିବେ । ଲକ୍‌ଡାଉନ୍ ସମୟ ଆରମ୍ଭ ହେବା ପରଠାରୁ ବିଗ୍ ବଜାର ଟିମ୍ ନିଜ ଉପରେ ନିବେଶ କରିବା ସହିତ ଗ୍ରାହକଙ୍କୁ ପ୍ରତି ଦିନ ସେବା ପ୍ରଦାନ କରିବା ଲାଗି ନୂଆ ନୂଆ ଉପାୟ ଶିଖୁଛି । ବଡ଼ ବଡ଼ ସୋସାଇଟି ପାଇଁ ବିଗ୍ ବଜାର ତରଫରୁ "ବିଗ୍ ବଜାର ଅନ୍ ହ୍ୱିଲ୍' ସେବା ଆରମ୍ଭ କରାଯାଇଛି । ଏଥିରେ ଅତ୍ୟାବଶ୍ୟକ ସାମଗ୍ରୀ ଓ ଗ୍ରୋସରି ଭର୍ତି ହୋଇଥିବା ଏକ ଟେମ୍ପୋ ଟ୍ରକ୍ ସୋସାଇଟି ସମ୍ମୁଖରେ ପାର୍କିଂ କରାଯାଉଛି ଏବଂ ଯେଉଁଠାରୁ ସୋସାଇଟିର ବାସିନ୍ଦା ନିଜ ଆବଶ୍ୟକତାର ସାମଗ୍ରୀ ନେଇପାରୁଛନ୍ତି ।

# ୨୦୨୦ ମଇ ଦିବସ ଶୁଭେଚ୍ଛା

ଭୁବନେଶ୍ୱର : ଆମ ଦେଶର ୫୨୨ ମିଲିୟନ ଓ ଓଡ଼ିଶା ରାଜ୍ୟର ପ୍ରାୟ ୨୦ ମିଲିୟନ ଶ୍ରମିକ କର୍ମଚାରୀ ଭାଇଭଉଣୀମାନଙ୍କୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ କମିଟି ଓ ଓଡ଼ିଶା ଶାଖା ତରଫରୁ ଅଭିନନ୍ଦନ ଜଣାଉଛି । ସାରାଦେଶରେ ଲକ୍‌ଡାଉନ ପରିସ୍ଥିତିରେ ମଇ ଦିବସର ସଭା ଶୋଭାଯାତ୍ରା କରିବାର ପରିବେଶ ଓ ସରକାରୀ ଅନୁମତି ନାହିଁ । କୋଭିଡ୍-୧୯ ଦେଶରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । କରୋନା ଭାଇରସର ଆତଙ୍କ ଓ ଲକ୍‌ଡାଉନ ଫଳରେ ଶିଳ୍ପ କଳକାରଖାନା ବନ୍ଦ ହେବା ଫଳରେ ଶ୍ରମିକ କର୍ମଚାରୀମାନେ ଅଧିକ ପ୍ରଭାବିତ ହେଉଛନ୍ତି । ଦେଶର ୪ କୋଟି ପ୍ରବାସୀ ଶ୍ରମିକ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କାମ କରୁଥିବା ୧୧ କୋଟି ଶ୍ରମିକ ରୋଜଗାର ହରାଇଛନ୍ତି । ନିର୍ମାଣ ଶ୍ରମିକ, କୃଷି ଶ୍ରମିକ, ଜଙ୍ଗଲ ଶ୍ରମିକ, ଅସଂଗଠିତ ଶ୍ରମିକ, ଟ୍ରାକ୍ସି, ଅଟୋ ଡ୍ରାଇଭର, ଘରୋଇ ଶ୍ରମିକ, ରୋଜଗାର ଘରୋଇ ଓ ଆତଙ୍କରେ କାଳାତିପାତ ଜୀବନ ଯାପନ କରୁଛନ୍ତି ।
ଆସନ୍ତୁ ଡକ୍ଟର, ନର୍ସ, ସ୍ୱାସ୍ଥ୍ୟ କର୍ମଚାରୀ, ମ୍ୟୁନିସିପାଲଟି କର୍ମଚାରୀ, ସଫେଇ କର୍ମଚାରୀ, ବିଦ୍ୟୁତ କର୍ମଚାରୀ, ସରକାରୀ କର୍ମଚାରୀ ଯେଉଁମାନେ ଜୀବନକୁ ବିପନ୍ନ କରି କାର୍ଯ୍ୟରତ ସେମାନଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସଂଗେ ସଂଗେ ମିଳିତ ଭାବେ କୋଭିଡ଼-୧୯ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ଆଜିର ମଇ ଦିବସରେ ଶପଥ ନେବା ।

## ମହାମାରୀ ସମୟରେ ଟେକ୍ନୋଲୋଜିର ଭୂମିକା

# ଇ-ଲର୍ନିଂ କ୍ଲାସ ମାଧ୍ୟମରେ ପ୍ରଶିକ୍ଷଣ ଦେଉଛି ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର

**ଧାମରା, (ପିଏନ)-** ଜଣେ ଛାତ୍ରର ଜୀବନର ଗୁଣବତ୍ତା ବୃଦ୍ଧି କରିବାରେ ଟେକ୍ନୋଲୋଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିବାର କ୍ଷମତା ଏଥିରେ ରହିଛି । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଟେକ୍ନୋଲୋଜି ସାହାଯ୍ୟରେ ଶିକ୍ଷା ଗ୍ରହଣ ଜରୁରୀ ହୋଇପଡିଛି । ବିଶ୍ୱବ୍ୟାପୀ ସରକାରୀ, ଶିକ୍ଷା ପ୍ରଣାଳୀ, ଗବେଷକ, ବିଦ୍ୟାଳୟ ଶିକ୍ଷକ, ପ୍ରଶିକ୍ଷକ ଓ ଅଭିଭାବକମାନେ ଟେକ୍ନୋଲୋଜିକୁ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ବିବେଚନା କରୁଛନ୍ତି । ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କୁ ଅର୍ଥପୂର୍ଣ୍ଣ ଶିକ୍ଷଣ ଅଭିଜ୍ଞତା ଡିଜାଇନ କରିବାର ସୁଯୋଗ ଦେବାରେ ଟେକ୍ନୋଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
ଏହି ସମୟରେ ବିଶ୍ୱ ଏକ ଭୟଙ୍କର ମହାମାରୀର ସମ୍ମୁଖୀନ ହୋଇଛି । କରୋନା ଭାଇରସ୍ ପ୍ରତ୍ୟେକ କ୍ଷେତ୍ରରେ ବିଶ୍ୱବ୍ୟାପୀ ସଙ୍କଟ ସୃଷ୍ଟି କରିଛି । କ୍ୱାରେନଟାଇନ, ଲକଡାଉନ୍ ଏବଂ ସାମାଜିକ ଦୂରତା କାର୍ଯ୍ୟକାରୀ ହେଉଥିବା ବେଳେ ଆମର ସାହାଯ୍ୟର ଏକମାତ୍ର ଉତ୍ସ ହେଉଛି ଟେକ୍ନୋଲୋଜି । ଏହି ଅନିଶ୍ଚିତ ପରିବେଶରେ, ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଶିକ୍ଷା ଗ୍ରହଣ ଜାରି ରହିଥାଉ, ଯଦିଓ ଏହା ବ୍ୟକ୍ତିଗତ ଭାବେ ହୋଇପାରିବନାହିଁ । ଏହାକୁ ଦୃଷ୍ଟିରେ ରଖି ଧାମରାସ୍ଥିତ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର କେବେ ପଛକୁ ଫେରିନାହିଁ ଏବଂ ଏହି ଗୁରୁତର ସମୟରେ ମଧ ସେମାନଙ୍କ ପ୍ରଶିକ୍ଷାର୍ଥୀମାନଙ୍କ ସହିତ ରହିଛି । କେନ୍ଦ୍ର ପକ୍ଷରୁ ସର୍ବୋତ୍ତମ ଉପାୟ ଅବଲମ୍ବନ ସ୍ୱରୂପ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଅନଲାଇନ ଇ-ଲର୍ନିଂ ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ରର ପ୍ରଶିକ୍ଷକମାନେ ଇ-ଲର୍ନିଂ କ୍ଲାସ ମାଧ୍ୟମରେ ଗୁଣାତ୍ମକ ତାଲିମ ପ୍ରଦାନକୁ ନିଶ୍ଚିତ କରିବା ପାଇଁ କଠିନ ପରିଶ୍ରମ କରୁଛନ୍ତି , ଖରାପ ନେଟୱାର୍କର ଚ୍ୟାଲେଞ୍ଜ, ସ୍ମାର୍ଟଫୋନର କମ୍ ଉପଲବ୍ଧତା ସତ୍ତ୍ୱେ ସେମାନେ ଅନଲାଇନ୍ କ୍ଲାସକୁ ବନ୍ଦ କରିନାହାଁନ୍ତି । ସଫ୍ଟ ସ୍କିଲ ଟ୍ରେନିଂ ପ୍ରୋଗ୍ରାମ, କୋଭିଡ-୧୯ରୁ ବର୍ତ୍ତିବା ପାଇଁ ପ୍ରତିଷେଧକ ପଦେକ୍ଷପ, ମୌଳିକ ଡିଜିଟାଲ ସାକ୍ଷରତା ସ୍କିଲ ଓ ଅନଲାଇନ୍ ସାର୍ଟିଫିକେସନ୍ ପ୍ରୋଗ୍ରାମ ସମ୍ବନ୍ଧୀୟ ସୂଚନାକୁ ଗୁରୁତ୍ୱ ଦିଆଯାଇଛି । ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ଭିଡିଓ, ପିପିଟି ଭଳି ପାରସ୍ପରିକ ଅଧିବେଶନ ସହ ସପ୍ତାହକୁ ୭ଘଣ୍ଟା ଶିକ୍ଷା ଗ୍ରହଣ କରୁଛନ୍ତି ।
ଏହିପରି ସମୟରେ ଆଦାନୀ ଦକ୍ଷତା ବିକାଶ କେନ୍ଦ୍ର ସମାଜକୁ ମଜବୁତ କରିବା, ଲୋକଙ୍କୁ ଶିକ୍ଷା ତଥା ସୂଚନା ଦେବା ଏବଂ ସମାଜ ଉପରେ ଏକ ଦୃଢ ସାମାଜିକ ତଥା ସାଂସ୍କୃତିକ ପ୍ରଭାବ ସୃଷ୍ଟି କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ ।

# ଆରଏସପିରେ ଗ୍ୟାସ୍ ଲିକ୍ : ୩ ଇଞ୍ଜିନିୟର କର୍ମଚାରୀ ଅସୁସ୍ଥ

**ରାଉରକେଲା,(ପିଏନ)-** ରାଉରକେଲା ଇସ୍ପାତ କାରଖାନାରେ ଆଜି ସକାଳେ ବିଷାକ୍ତ ଗ୍ୟାସ ଲିକ୍ ହେବାରୁ ଘଟଣାସ୍ଥଳରେ କାର୍ଯ୍ୟରତ ୩ ଇଞ୍ଜିନିୟର ଓ କର୍ମଚାରୀ ଅସୁସ୍ଥ ହୋଇ ରାଉରକେଲା ଇସ୍ପାତ ଜେନେରାଲ ଡାକ୍ତରଖାନା (ଆଇଜିଏଚ)ର ଆଇସିୟୁରେ ଭର୍ତି ହୋଇଥିବା ଜଣାପଡିଛି । ଅସୁସ୍ଥ ମାନେ ହେଲେ ସୌରଭ ସିହ୍ନା (୩୧), ପି. ଏମ. ସାହୁ (୫୦) ଓ ଅନ୍ୟ ଜଣେ କର୍ମଚାରୀ । ଏମାନଙ୍କ ମଧ୍ୟରୁ ଜଣଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଥିବା ବେଳେ ଶ୍ରୀ ସାହୁ ଓ ଶ୍ରୀ ସିହ୍ନାଙ୍କୁ ଡାକ୍ତରଖାନାରେ ରଖାଯାଇଛି । ଖବରରୁ ପ୍ରକାଶ ଯେ, ଆଜି ସକାଳ ପ୍ରାୟ ସାଢ଼େ ୭ଟା ସମୟରେ କ୍ୟାପଟିଭ ପାୱାର ପ୍ଲାଂଟ ୧ ପାଖରେ ଥିବା ୪ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସକୁ ଯାଇଥିବା ପାଇପ୍ ଲାଇନରୁ ହଠାତ୍ ଗ୍ୟାସ ଲିକ୍ ହୋଇଥିଲା । ଫଳରେ ପାଖରେ କାମ କରୁଥିବା ଏହି ଅଫିସର ଓ କର୍ମଚାରୀ ମାନଙ୍କ ଶରୀରର କିଛି ଅଂଶ ପୋଡ଼ିଯିବା ସହିତ ସେମାନେ ଘଟଣାସ୍ଥଳରେ ଅଚେତ୍ ହୋଇଯାଇଥିଲେ । ପରେ ଏମାନଙ୍କୁ ଆଇଜିଏଚରେ ଭର୍ତି କରାଯାଇଥିଲା । କେତେକ କର୍ମଚାରୀ କହିଛନ୍ତି ଯେ, ଏହି ଗ୍ୟାସ୍ ପାଇପ୍ ଲାଇନ ଗୁଡିକ ଅନେକ ପୁରୁଣା ହୋଇଥିବାରୁ ସେଗୁଡିକରେ ବିଭିନ୍ନ ସମୟରେ ଫାଟ ସୃଷ୍ଟି ହୋଇ ଏହିଭଳି ଗ୍ୟାସ୍ ଲିକ୍ ହେଉଛି ଓ କର୍ମଚାରୀ ଆହତ ହେଉଛନ୍ତି । ଏନେଇ ରାଜ୍ୟ ସରକାରଙ୍କ କାରଖାନା ବିଭାଗ ନୀରିକ୍ଷକ ଓ କାରଖାନାର ବିଭାଗୀୟ ଅଧିକାରୀ ମାନେ ଦୃଷ୍ଟି ଦେଉନଥିବାରୁ ଏହି ଅଂଚଳ ଏବେ କର୍ମଚାରୀ ମାନଙ୍କ ଲାଗି କାମ କରିବା ବିପଦପୂର୍ଣ୍ଣ ହୋଇଛି । ଏହି ଘଟଣା ପରେ କାରଖାନା ପକ୍ଷରୁ ୪ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସକୁ ସଟ୍ ଡାଉନ କରାଯାଇ ପାଇପଲାଇନ ମରାମତି କାମ ଆରମ୍ଭ ହୋଇଥିବା ଖବର ମିଳିଛି ।

# ସରକାରୀ ସହାୟତା ରାଶି ପାଇବାକୁ ବ୍ୟାଙ୍କ ଆଗରେ ବଢୁଛି ଭିଡ଼

## ସାମାଜିକ ଦୂରତ୍ୱକୁ ନେଇ ଉଠିଲା ପ୍ରଶ୍ନ

**ଜୟପୁର,(ପିଏନ)-** କୋରାପୁଟ ଜିଲା ଜୟପୁର ସହର ସମେତ ଏହାର ଆଖପାଖ ଅଂଚଳରେ ପ୍ରତ୍ୟେକ ଦିନ ବ୍ୟାଙ୍କ ସମ୍ମୁଖରେ ହିତାଧିକାରୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି । ସରକାରଙ୍କ ପକ୍ଷରୁ ଉଜ୍ଜଳା, ଜନଧନ ହିତାଧିକାରୀ ଓ ନିର୍ମାଣ ଶ୍ରମିକଙ୍କ ଜମା ଖାତାରେ ଟଙ୍କା ଜମା ହେବା ପରେ ଏବେ ଏହି ଟଙ୍କା ଉଠାଇବା ପାଇଁ ଗ୍ରାହକ ମାନେ ତତ୍ପର ହୋଇ ଉଠିଛନ୍ତି । ସମ୍ପ୍ରତି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରୀ ରହିଥିବା ସତ୍ୱେ ସରକାରୀ ସହାୟତା ଅର୍ଥ ପାଇବା ପାଇଁ ଏଠାରେ ଅଧିକ ସଂଖ୍ୟାରେ ବୃଦ୍ଧ, ବୃଦ୍ଧା ଓ ମହିଳାଙ୍କ ଭିଡ଼ ଦେଖିବାକୁ ମିଳୁଛି । ଲମ୍ବା ଧାଡ଼ିରେ ସେମାନଙ୍କୁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ହେଲେ ବ୍ୟାଙ୍କ କର୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ ପିଇବା ପାଣିର ବ୍ୟବସ୍ଥା କରାଯାଇନାହିଁ । ସକାଳ ହେବା ମାତ୍ରେ ପାସ୍ ବୁକ୍ ଧରି ହଜାର ହଜାର ଲୋକ ଲମ୍ବା ଲାଇନରେ ଠିଆ ହେଉଛନ୍ତି । ସମ୍ପ୍ରତି କୋରାପୁଟ ଜିଲ୍ଲାରେ ତାପମାତ୍ରା ୩୫ ଡିଗ୍ରି ଉପରେ ରହୁଥିବା ବେଳେ ଜିଲାର ଜୟପୁର ସହର ସମେତ ଗାଁ ଗହଳିରେ ଥିବା ଜାତୀୟକରଣ ବ୍ୟାଙ୍କର ଶାଖା ଓ ଜନସେବା କେନ୍ଦ୍ର ଗୁଡିକରେ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି । କରୋନା ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶରେ ଲକ୍ ଡାଉନ ଲାଗୁ ହେବା ପରେ କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ, ମହିଳାଙ୍କ ନାମରେ ଥିବା ଜନଧନ ଖାତା ଗୁଡିକୁ ପ୍ରତି ମାସରେ ୫ ଶହ ଟଙ୍କା ଜମା ହେବ । ଏହି ଅର୍ଥ ୩ ମାସ ଯାଏ ମିଳିବ । ସେହିପରି ଉଜ୍ଜ୍ୱଳା ଯୋଜନାରେ ଗୋଟିଏ ସିଲିଣ୍ଡର ପାଇଁ ୭୭୫ ଟଙ୍କା ଜମା ହୋଇଛି । ଏହି ଟଙ୍କା ଉଠାଇବା ପାଇଁ ବ୍ୟାଙ୍କରେ ଭିଡ଼ ଲାଗି ରହୁଛି । ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ପାରୁ ନାହିଁ । ବ୍ୟାଙ୍କରେ କମ୍ ସଂଖ୍ୟକ କର୍ମଚାରିଙ୍କ ସହ ଇଂଟରନେଟ ସମସ୍ୟା ଯୋଗୁଁ ହିତାଧିକାରି ମାନେ ୮ରୁ ୧୦ ଘଂଟା ଅପେକ୍ଷା କରିବାକୁ ପଡୁଛି । ରାଜ୍ୟ ସରକାର ମଧ ନିର୍ମାଣ ଶ୍ରମିକଙ୍କ ଆକାଉଂଟକୁ ୧୫ ଶହ ଟଙ୍କା ପଠାଇଛନ୍ତି । ଯେଉଁମାନଙ୍କ ମୋବାଇଲକୁ ଟଙ୍କା ପହଂଚିବା ମେସଜ ଆସିଯାଉଛି ସେମାନେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଦୌଡୁଛନ୍ତି । ଟଙ୍କା ଉଠାଇବା ପାଇ ୨ରୁ ୩ ଥର ବ୍ୟାଙ୍କକୁ ଦଉଡ଼ିବାକୁ ପଡୁଛି । କୋରାପୁଟ ଜିଲାରେ ବହୁ ପଚାଂୟତରେ ବ୍ୟାଙ୍କର ଶାଖା ନଥିବା ସହା ଗାଡି ମୋଟର କଟକଣା ଥିବାରୁ ଗାଁ ଗହଳିରୁ ଲୋକ ମାନେ ଦଳ ଦଳ ହୋଇ ଚାଲି ଚାଲି ବ୍ୟାଙ୍କରେ ପହଂଚୁଛନ୍ତି । ଗାଁ ଗହଳିରେ ରାସନ କାର୍ଡ଼ଧାରୀଙ୍କୁ ସେମାନଙ୍କ ଘରେ ଅର୍ଥ ଦିଆଯାଉଛି । ସେହିଭଳି ଭାବରେ ସହାୟତା ଅର୍ଥ ଦେଲେ ବ୍ୟାଙ୍କ ସମ୍ମୁଖରେ ଆଉ ଗହଳି ହୁଅନ୍ତା ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ତେଣୁ ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଗ୍ରାମାଂଚଳରେ କାର୍ଯ୍ୟକ୍ଷମ ହେବ ଜିଲ୍ଲାରେ ଥିବା ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥା

**କେନ୍ଦ୍ରାପଡ଼ା,(ପିଏନ)-** ଜିଲ୍ଲାରେ ପୂର୍ବରୁ ଚାଲୁ ରହିଥିବା ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥା ଗୁଡିକ କରୋନା ଲକ ଡାଉନ କଟକଣାରେ ବନ୍ଦ ରହିଥିଲା । ଦୀର୍ଘ ମାସାଧିକ କାଳ ଏହି କ୍ଷୁଦ୍ର ସଂସ୍ଥା ଗୁଡିକ ତାଲା ପଡି ରହିବା କାରଣରୁ ଗ୍ରାମୀଣ ରୋଜଗାର ଉପରେ ଗଭୀର ପ୍ରଭାବ ପକାଇଥିଲା ।
ସେଥିରେ କାର୍ଯ୍ୟକରି ଅସୁଥିବା ଶହ ଶହ କୁଶଳୀ କାରିଗର, ଶ୍ରମିକମାନେ ହାତବାନ୍ଧି ବସିବା କାରଣରୁ ଉତ୍ପାଦନ ପ୍ରକ୍ରିୟା ଠପ ହୋଇଯିବା ସହ ଏହି କାରିଗର ଓ ଶ୍ରମିକମାନଙ୍କ ରୋଜଗାର ଓ ଜୀବିକା ପ୍ରଭାବିତ ହୋଇଥିଲା । ତେବେ ରାଜ୍ୟ ସରକାର ମାସେରୁ ଅଧିକ ସମୟ ଲକ ଡାଉନ ଜାରି କରିବା ପରେ କେତେକ ସର୍ତ ଅଣୁଯାୟୀ ଏଗୁଡିକୁ ଖୋଲିବା ପାଇଁ ଅନୁମତି ଦେଇଛନ୍ତି। କରୋନା କଟକଣାର ସାମାଜିକ ଦୂରତା, ମାସ୍କ ପିନ୍ଧିବା ଅନିବାର୍ଯ୍ୟ, ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିବା, ସାନି ଟାଇଜର ର ପ୍ରୟୋଗ ଓ ଶ୍ରମିକ କାରିଗର ମାନଙ୍କ ଯାତାୟତ, ରହଣୀ ପାଇଁ ଅବଶ୍ୟକୀୟ ସୁବିଧା ସୁଯୋଗ କରି ଶିଳ୍ପ ସଂସ୍ଥାର ମାଲିକ ଓ ପରିଚାଳକ ମାନେ ପୁନର୍ବାର ଉତ୍ପାଦନ ଆରମ୍ଭ କରି ପାରିବେ ବୋଲି ନିଷ୍ପତି ନିଆଯାଇଛି ।
ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୁରୁବାର ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସନ୍ତୋଷ କୁମାର ମିଶ୍ର, ଶିଳ୍ପ ବିକାଶ ଅଧିକାରୀ ଦେବାସିଷ ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଗାଇଡ ଲାଇନ ଉପରେ ଆଲୋଚନା କରିଥିଲେ । ଚିମିନି ଇଟାଭାଟି, ଖାଦ୍ୟ ପ୍ରକ୍ରିୟା କରଣ, ଧାନ, ଅଟା, ଚୁଡା କଳ, ମସଲା ଆଦି ଉତ୍ପାଦନ କରୁଥିବା ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସଂସ୍ଥା ଗୁଡିକ କେବଳ ଗ୍ରାମାଂଚଳରେ କାର୍ଯ୍ୟ କରିବ ବୋଲି ଜଣା ପଡିଛି । ଏଥି ସହିତ କେନ୍ଦ୍ରାପଡାର ତିନିମୁହାଣୀ ଇଣ୍ଡଷ୍ଟ୍ରି ଏରିଆ ଭିତରେ ଥିବା ଶିଳ୍ପ ସଂସ୍ଥା ଗୁଡିକ ମଧ୍ୟ ଉତ୍ପାଦନ କରିବ ବୋଲି ଜଣା ପଡିଛି । ଏହି ବୈଠକରେ ଅମୂଲ୍ୟ ସାମନ୍ତରାୟ, ପ୍ରିୟବ୍ରତ ଦାସ, ଦୀପକ କୁମାର ବେହେରା, ଜ୍ଞାନ ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନେପାଳର ଛତା କଂପାନୀରେ ଫସିଥିବା ୩୦ ଦାଦନ ଶ୍ରମିକ ଘରକୁ ଫେରିବା ନେଇ ଆକୁଳ ନିବେଦନ

ଭଦ୍ରକ, (ପିଏନ)- କରୋନା ଜନିତ ଲକଡାଉନ୍ ଯୋଗୁଁ ବହୁ ପ୍ରବାସୀ ନିଜ ନିଜ ଜିଲାକୁ ଫେରିବାରେ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିବାବେଳେ ଏହି ପ୍ରତିବନ୍ଧକର କିଛିମାସ ପୂର୍ବରୁ କେନ୍ଦୁଝର ଓ ଭଦ୍ରକ ଜିଲାର କେତେକ ଶ୍ରମିକ କାର୍ଯ୍ୟ ଉଦ୍ଦେଶ୍ୟରେ ନେପାଳ ଯାଇଥିଲେ । ତେବେ ସମଗ୍ର ଦେଶରେ ଲକଡାଉନ୍ ହେବାରୁ ସେଠାରେ ସେମାନଙ୍କୁ ଖାଇବା ଓ ରହିବାରେ ବହୁ ଅସୁବିଧା ଦେଖା ଦେଇଥିଲା ।
ଫଳରେ ସେହି ଶ୍ରମିକମାନେ ନିଜ ଜନ୍ମ ସ୍ଥାନକୁ ଫେରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିବାର ଜଣାପଡିଛି । ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଭଦ୍ରକ ଜିଲା ଧାମନଗର ଓ କେନ୍ଦୁଝର ଜିଲାର ଶାଳଣିଆର ପାଖାପାଖି ୩ ଜଣ ଶ୍ରମିକ ନେପାଳର ଏକ ଛତା କଂପାନୀକୁ କାମ କରିବା ପାଇଁ ଯାଇଥିଲେ । କିନ୍ତୁ ଲକଡାଉନ୍ ପ୍ରଭାବରେ ସେମାନେ ଏବେ ଖାଇବା, ପିଇବା ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

# ଶ୍ରମିକ ଦିବସର ସଂକଳ୍ପ

**ଡ଼ି ଶୁଭମ୍**



ଶିଶୁ - ପରିବାରର ଯିଏ ସବୁଠାରୁ ଅତିପ୍ରିୟ , ଯାହା ପାଇଁ ରାତି ପାହିଲେ ଆତ୍ମୀୟସ୍ୱଜନ ଏକ ଅଫୁରନ୍ତ ଆନନ୍ଦରେ ଶିଶୁ ସହ ଖେଳି ନିଜ ପୁରା ଦିନକୁ ଭଲ ଭାବରେ କାଟନ୍ତି । ଶିଶୁ ପାଇଁ ପରିବାର ଭିତରେ ଏକ ସୁଖମୟ ବାତାବରଣ ସୃଷ୍ଟି ହୁଏ । ହେଲେ ଯେବେ ଶିଶୁ ଟିଏ ଶ୍ରମିକ ହେବାକୁ ବାଧ୍ୟ ହୁଏ ସେତେବେଳେ ତାର ଦୁଃଖକୁ କେହି ବି ବୁଝି ପାରନ୍ତିନି । ଆଉ ଆଜିବି ଏମିତି କିଛି ମଣିଷ ଅଛନ୍ତି ଯେଉଁ ମାନେ ନିଜର ଟଙ୍କାପଇସା ବଢ଼ାଇବା ପାଇଁ , ନିଜର ଆବଶ୍ୟକତାକୁ ଚରିତାର୍ଥ କରିବା ପାଇଁ ଶିଶୁ ମାନଙ୍କୁ ଶ୍ରମିକ କରେଇଦିଅନ୍ତି । ଟଙ୍କା ଦେଇ ସେମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରନ୍ତି । ସେତେବେଳ ହଜିଯାଏ ସେମାନଙ୍କର ମାନବିକତା । କାରଣ ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ଆଗରେ ମଣିଷପଣିଆ ବି ଫିକା ପଡ଼ିଯାଏ । ଅଭାବୀ ପିଲାମାନେ ବାଧ୍ୟ ହୋଇ କାମ କରନ୍ତି । ନିଜ ପରିବାର ପାଇଁ ମୁଣ୍ଡପାତି ଏସବୁକୁ କରିବାକୁ ପଛାନ୍ତିନାହିଁ । ଶିଶୁ ପାଇଁ ପାଠପଢ଼ିବା ମୁଖ୍ୟ ହୋଇଥିବା ବେଳେ ଯେଉଁମାନେ ଶ୍ରମିକ ହୋଇ ଅନ୍ୟ ସ୍ଥାନରେ କାମ କରୁଛନ୍ତି , ସେମାନଙ୍କ ପାଇଁ ଶିକ୍ଷାର ମୂଲ୍ୟ କିଛି ନଥାଏ । ପାଠପଢ଼ିବାକୁ ଇଚ୍ଛା ଥିଲେ ବି ମନ ଭିତରେ ପରିବାରର ଛବି ଆସିଯାଏ । ବାଧ୍ୟହୁଏ ପରଘରେ କାମ କରିବାକୁ । ଯିଏ ଦିନେ ସ୍କୁଲବ୍ୟାଗ ପିନ୍ଧି ସ୍କୁଲକୁ ଯିବାର ସ୍ୱପ୍ନ ଦେଖୁଥିଲା , ଆଜି ସେ ଚାଷ ଜମିରେ ଧାନ କାଟୁଛି । ଏପରିକି ସଂଭ୍ରାନ୍ତ ବ୍ୟକ୍ତବିଶେଷ ଶିଶୁ ଶ୍ରମିକ ମାନଙ୍କୁ ଶୋଷଣ କରିବାକୁ ବି ପଛଘୁଂଚା ଦେଉନାହାନ୍ତି । କାରଣ ଶିଶୁର ଭବିଷ୍ୟତ ଅପେକ୍ଷା ସେମାନଙ୍କୁ ତାଙ୍କର ଆର୍ଥିକ ପରିସ୍ଥିତିକୁ ବଢ଼ାଇବା ହିଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଅନେକ ସ୍ଥାନରେ ଶିଶୁ ମାନଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବାର ଚିତ୍ର ବି ଦେଖିବାକୁ ମିଳିଛି । କୋମଳମତି ବୟସରେ ଶିଶୁ ମାନଙ୍କ ସହ ଏପରି କଲେ ଶିଶୁର ମନୋବଳ ଭାଙ୍ଗିଯାଏ । ଶିଶୁ ନିରୂପାୟ ହୋଇ ଆହୁରି କୁତ୍ସିତ କାମ କରିବାକୁ ବାଧ୍ୟ ହୁଏ । ସତରେ ଏ ମର୍ମବେଦନାରର ପ୍ରକୃତ ଅନୁଭବୀ ହିଁ ସେ ଶିଶୁ ।
ଆମ ସମାଜରେ ବିଭିନ୍ନ ବର୍ଗର ଲୋକ ନିଜ ପରିବାର ପାଇଁ ଅହରହ ସଂଗ୍ରାମ କରୁଛନ୍ତି । ସେ ସଂଗ୍ରାମରେ ସାମିଲ ହୁଏ ଟଙ୍କା ଉପାର୍ଜନ କରିବାର ମାଧ୍ୟମ । କିଏ ଶିକ୍ଷକତା ,କିଏ ଡ଼ାକ୍ତର କିଏ ଇଂଜିନିୟର ଏମିତି ଅନେକ କିଛି । କିନ୍ତୁ ନିମ୍ନ ବର୍ଗର ଲୋକଙ୍କ କଥା ଯଦି ଚିନ୍ତା କରାଯାଏ , ତାହେଲେ ଟଙ୍କାର ମୂଲ୍ୟ କଣ ସେମାନେ ହିଁ ଉପଲବ୍ଧ କରିପାରନ୍ତି । ଦିନରେ ଦି ଓଳି ଖାଇନପାରିବାର ଦୁଃଖକୁ ପ୍ରତିଟି ମୁହୂର୍ତ୍ତରେ ବେଶ ପାଖରୁ ଅନୁଭବ କରନ୍ତି । ବୁଝି ପାରନ୍ତି ଭୋକର ପ୍ରକୃତ ଅର୍ଥକୁ । ଭୋକ ପାଇଁ ଯେଉଁ ସଂଗ୍ରାମ କରିବାକୁ ପଡ଼େ ତାହାକୁ ମର୍ମେମର୍ମେ ବୁଝିପାରନ୍ତି । ଆଉ ଏଇଠାରୁ ହିଁ ଜନ୍ମ ନିଏ ଶ୍ରମିକ ହେବାର ଅନୁଚିନ୍ତା । ଜଣେ କଣ ଜାଣିଶୁଣି ଶ୍ରମିକ ହୁଏ ? ବର୍ତ୍ତମାନ ସମୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା କଣ ପାଇଁ ଭାରତରେ ଦେଖାଦେଉଛି ? ? ଯେତେବେଳେ ପରିବାରର ବାପା ମା ମୁଲ ଲାଗିବାକୁ ଯାଆନ୍ତି , ସେତେବେଳେ ଶିଶୁ ଟିଏ ବାଧ୍ୟ ହୁଏ ନିଜ ଆତ୍ମୀୟଙ୍କ ପ୍ରତିପୋଷଣ ପାଇଁ । କେଉଁ ଉପାୟରେ ଦି ପଇସା ଘରକୁ ଆସିଲେ ପରିବାର ଚଳିବ । ଏହି ମାନସିକତାକୁ ନେଇ ଶିଶୁଟିଏ କ୍ଷେତରେ ଦା ଧରି ଧାନ କାଟିବାକୁ ବି ପଛାଏନି । କାରଖାନାରେ ପଥର ଛେଚିବାକୁ ବି କୁଣ୍ଠାବୋଧ କରେନି । ଭୋକ ପାଇଁ ଶ୍ରମିକ ହେବାର ଚିତ୍ରକୁ କେବେ ମନରେ ଅନୁଭବ ବି କରେନି ।
ହାତରେ ବହିବସ୍ତାନି ଧରି ଶିଶୁଟିଏ ଯିବାର ଚିତ୍ର ଆଉ କାରଖାନା କି କ୍ଷେତରେ ଶିଶୁଟିଏ କାମ କରିବାର ଚିତ୍ର – ଏଦୁଇଟିକୁ ତୁଳନାତ୍ମକ ଭାବେ ଲକ୍ଷ୍ୟ କଲେ ଆମେ ବୁଝିପାରିବା ଯେ ଆଜିର ସମାଜରେ ଶିଶୁ ଶ୍ରମିକଟିଏ କେତେ ଦୁଃଖରେ ଜୀଉଁଛି । ପ୍ରତି ମୁହୂର୍ତ୍ତରେ ବଂଚିବା ପାଇଁ ଅବିରତ ସଂଗ୍ରାମ କରିଚାଲିଛି । ମନରେ ପାଠପଢ଼ିବାର ଇଚ୍ଛା ଥିଲେ ବି ଅର୍ଥାଭାବ ସେମାନଙ୍କୁ ଶ୍ରମିକ ବା ମୁଲ ଲାଗିବାକୁ ବାଧ୍ୟ କରୁଛି । ସରକାରଙ୍କ ଆଇନରେ ଏସବୁ ଅପରାଧ ହୋଇଥିଲେ ବି ଏକଥାକୁ କାହାର ଖାତିର ନାହିଁ । ବିନା ଚିନ୍ତାରେ ଶିଶୁ ଶ୍ରମିକ ମାନଙ୍କୁ କାମରେ ଲଗାଉଛନ୍ତି ବ୍ୟବସାୟିକ ପ୍ରତିଷ୍ଠାନ । ଏସବୁ ନିୟମ କେବଳ ଧର୍ମକୁ ଆଖିଠାର ପରି । କେହି କେବେ ଏମାନଙ୍କ କଥା ଚିନ୍ତା କରିବାକୁ ସମୟ ଖୋଜନ୍ତି ନାହିଁ । ଶ୍ରମିକ ଦିବସ ଆସିଲେ ମନେ ପଡ଼େ ଶ୍ରମିକ ମାନଙ୍କ କଥା । କିନ୍ତୁ ଶିଶୁ ଶ୍ରମିକ ବର୍ଷକ ବାରମାସ ଯେଉଁ କଷ୍ଟ କରେ , ଯନ୍ତ୍ରଣା ପାଏ ତାହାକୁ କେହି କେବେ ଅନୁଭବ କରିପାରିବେ ନାହିଁ । ନିଜ ବାବୁ ହାକିମ ଠାରୁ କାମ ନକଲେ ସେ ଗାଳି ଶୁଣେ । ମାଡ଼ ବି ଖାଏ । ବିନା କାରଣରେ ଅପମାନ ବି ପାଏ । ହେଲେ ସବୁ ଶୁଣି ମୁଣ୍ଡପାତି ସହିନେଇ ପୁଣିଥରେ ପରଦିନ କାମକୁ ବାହାରିଯାଏ । ଏହା ତ ସେମାନଙ୍କ ନିତିଦିନିଆ କାମ । ମୁହଁରେ ଜବାବ ଦେବାର ସାହସ ନଥାଏ । ଆଖି ଉଠେଇ କଥା କହିବାକୁ ପାଟି ବି ଖୋଲେନି । ସବୁସମୟରେ ନିଜ କାନମୁଣ୍ଡା ଆଉଁସି ବସିପଡ଼ନ୍ତି ଏମାନେ । ନିଷ୍ଠୁର ହୃଦୟଧାରୀ ବ୍ୟକ୍ତି ଏମାନଙ୍କ ନିଷ୍ପାପ ମନ ଉପରେ ରାଜ କରନ୍ତି ।
ସମୟ ଆସିଛି ଏ ଶିଶୁ ଶ୍ରମିକ ଶବ୍ଦର ଅନ୍ତ କରିବାର । ଶିଶୁ ମୁହଁରେ ହସ ଫୁଟେଇବାର । ଶିଶୁଟିଏ ବଡ଼ ହୋଇ ସ୍କୁଲ ଯିବ , କ୍ଷେତକୁ ନୁହଁ । କାନ୍ଧରେ ସ୍କୁଲ ବ୍ୟାଗ ଓଳେଇବ , ହାତୁଡ଼ି କି ଦା ନୁହେଁ । ଆମ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ । ଶିଶୁ ମାନଙ୍କୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ ହେବା ଦରକାର । ରାଷ୍ଟ୍ରର ପ୍ରମୁଖ ଉପାଦାନ ଶିଶୁ । ଶିଶୁ ହସିଲେ ରାଷ୍ଟ୍ର ହସିବ । ଆଜିର ଶିଶୁ କାଲିର ଭବିଷ୍ୟତ । ଏହା ହିଁ ଶ୍ରମିକ ଦିବସର ସଂକଳ୍ପ ହେବା ଦରକାର ।

**ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ , ବାସୁଦେବପୁର , ଭଦ୍ରକ**

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbko@gmail.com, paryabekhyak@gmail.com,paryabekhyak2020@rediffmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray